Daily Odia Newspaper
SEITHO ARAMBHA
RNI No : ORIORI/2006/21585
Vol.: 20, Issue : 5
Monday, 9 March 2026
Balasore, Page : 8, ₹ 2/
ବାଲେଶ୍ୱର, ସୋମବାର, ୯ ମାର୍ଚ୍ଚ, ୨୦୨୬
ପୃଷ୍ଠା:୮, ମୂଲ୍ୟ:୨ଟଙ୍କା
Seitho Arambha
Seithoarambha
www.seithoarambha.com

ସେଇଠାରୁ ଆରମ୍ଭ
SEITHO ARAMBHA

ଯାହାଠାରେ ସତ୍ୟ, ପବିତ୍ରତା, ନିଃସ୍ୱାର୍ଥପରତା ବିଦ୍ୟମାନ, ବାଧା ବିପତ୍ତି ତା'ର କ'ଣ କରିବ ?
ଜଗତ୍‌ବାସୀ ତାହା ବିରୋଧରେ ଦଣ୍ଡାୟମାନ ହେଲେ ସୁଦ୍ଧା ତାହାର କୌଣସି ଅନିଷ୍ଟ ହୁଏ ନାହିଁ ।
- ସ୍ୱାମୀ ବିବେକାନନ୍ଦ

ସୁଭଦ୍ରା ଯୋଜନାର ଚତୁର୍ଥ କିସ୍ତି ପ୍ରଦାନ କଲେ ମୁଖ୍ୟମନ୍ତ୍ରୀ

ପୁରୀ, ୮/୩ (ଆ.ପ୍ର) : ମାତ୍ର ଦେଢ଼ ବର୍ଷ ଭିତରେ ଆମ ମା ମାନଙ୍କ ପାଇଁ ସୁଭଦ୍ରା ଯୋଜନା ଏକ ଅଦ୍ଭୁତ ପୂର୍ବ ପରିବର୍ତ୍ତନର ବାର୍ତ୍ତାବହ ହୋଇପାରିଛି । ଆଗାମୀ ଦିନରେ ଅଧିକରୁ ଅଧିକ ମା ଏହି ପରିବର୍ତ୍ତନ ଯାତ୍ରାରେ ସାମିଲ ହେବେ ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀମୋହନ ଚରଣ ମାଝି ସୁଭଦ୍ରା ଯୋଜନା ଅନ୍ତର୍ଗତ ଚତୁର୍ଥ କିସ୍ତି ପ୍ରଦାନ ତଥା ଅନ୍ତର୍ଜାତୀୟ ମହିଳା ଦିବସ ପାଳନ ଅବସରରେ କହିଛନ୍ତି । ଏହି ଅବସରରେ ପୁରୀ ଠାରେ ଆୟୋଜିତ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ଚତୁର୍ଥ ପର୍ଯ୍ୟାୟରେ ୧,୨,୧୨,୬୬୫ ଜଣ ସୁଭଦ୍ରା ହିତାଧିକାରୀଙ୍କୁ ୫୦୦୦ ଟଙ୍କା ଲେଖାଏଁ ସହାୟତା ରାଶି ପ୍ରଦାନ କରିଛନ୍ତି । ସମୁଦାୟ ୫୧୦୬ କୋଟି ୩୩ ଲକ୍ଷ ୨୫ ହଜାର ଟଙ୍କାର ସହାୟତା ରାଶି ହିତାଧିକାରୀଙ୍କୁ ପ୍ରଦାନ କରାଯାଇଛି । ଏଥିରେ ପୁରୀ ଜିଲ୍ଲାର ୪,୨୦,୮୫୪ ଜଣ ହିତାଧିକାରୀ ଅଛନ୍ତି । ଉପସ୍ଥିତ ସୁଭଦ୍ରା ଭଉଣୀ ମାନଙ୍କୁ ଅନ୍ତର୍ଜାତୀୟ ମହିଳା ଦିବସର ଶୁଭେଚ୍ଛା ଜଣାଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ରାଜ୍ୟରେ ମହିଳା ମାନଙ୍କୁ ସଶକ୍ତ କରିବାରେ ଆମର ସୁଭଦ୍ରା ଯୋଜନା ସଫଳ ହୋଇଛି ଓ ସେମାନଙ୍କୁ ଆର୍ଥିକ ସ୍ୱାଧୀନତା ପ୍ରଦାନ କରି ସ୍ୱତନ୍ତ୍ର ପରିଚୟ ଦେଇଛି । ସୁଭଦ୍ରା ଯୋଜନା ଆଜି ରାଜ୍ୟର ମହିଳା ମାନଙ୍କ ପାଇଁ ଆତ୍ମବିଶ୍ୱାସ ଓ ଆତ୍ମନିର୍ଭରତାର ସ୍ରୋତ ହୋଇପାରିଛି । ସୁଭଦ୍ରା ଯୋଜନା ଜରିଆରେ ସଫଳତା ପାଇଥିବା ହିତାଧିକାରୀଙ୍କୁ ପ୍ରଶଂସା କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ ମହିଳା ସଶକ୍ତିକରଣ ହେଉଛି ଆମ ସରକାରଙ୍କ ପ୍ରଥମ

ପ୍ରାଥମିକତା ଏବଂ ସୁଭଦ୍ରା ଯୋଜନା ଏହାର ଏକ ସଫଳ ଉଦାହରଣ । ଅନୁଗୁଳ, ବଲାଙ୍ଗୀର, ବରଗଡ଼, ଭଦ୍ରକ ଓ କଟକ ଭଳି ଅନେକ ଜିଲ୍ଲାର ମହିଳାମାନେ ଏହି ସହାୟତା ରାଶିକୁ ବ୍ୟବହାର କରି ଛତୁ ଚାଷ, କୁକୁଡ଼ା ପାଳନ, ବାର୍ଜାଣ ବ୍ୟବସାୟ ଓ ଛୋଟ ବ୍ୟବସାୟ ଆରମ୍ଭ କରି ସଫଳତାର ଦୃଷ୍ଟାନ୍ତ ସୃଷ୍ଟି କରୁଛନ୍ତି । ସେ ପୁଣି କହିଥିଲେ ଯେ ଓଡିଶା ସମ୍ବଲପୁର ସର୍ଭେ ରିପୋର୍ଟ ଅନୁଯାୟୀ ୨୫.୫୨ ପ୍ରତିଶତ ହିତାଧିକାରୀ ସୁଭଦ୍ରା ସହାୟତାକୁ ବ୍ୟବସାୟ ଆରମ୍ଭ ପାଇଁ ବ୍ୟବହାର କରିଥିବା ବେଳେ ୩୫.୭ ପ୍ରତିଶତ ମହିଳା ଘରୋଇ ଆବଶ୍ୟକତା ପୂରଣରେ ବ୍ୟବହାର କରିଛନ୍ତି । ଏହା ସହିତ ଅନେକ ମହିଳା ଶିକ୍ଷା ପରିଶୋଧ, ସଂଚୟ ଓ ଦକ୍ଷତା ବୃଦ୍ଧିରେ ମଧ୍ୟ ଏହି ଅର୍ଥ ବ୍ୟବହାର କରି ପରିବାର ମଧ୍ୟରେ ସ୍ୱୀକୃତି ଓ ସମ୍ମାନ ଲାଭ କରିଛନ୍ତି । ମୁଖ୍ୟମନ୍ତ୍ରୀ ଆହୁରି କହିଥିଲେ ଯେ ୨୦୩୬ ସୁଦ୍ଧା ସମୃଦ୍ଧ ଓଡ଼ିଶା ଓ ୨୦୪୭ ସୁଦ୍ଧା ବିକଶିତ ଭାରତ ଗଠନରେ ମହିଳାମାନଙ୍କ ଭୂମିକା ଅତ୍ୟନ୍ତ ମହତ୍ୱପୂର୍ଣ୍ଣ ରହିବ । ସମୃଦ୍ଧ ଓଡିଶା ଓ ବିକଶିତ ଗଠନ ହେବ ମହିଳାମାନଙ୍କ ନେତୃତ୍ୱରେ । ବର୍ତମାନ ରାଜ୍ୟରେ ପ୍ରାୟ ୧୭ ଲକ୍ଷ 'ଲକ୍ଷପତି ଦିଦି' ସୃଷ୍ଟି ହୋଇଥିବା ବେଳେ ୨୦୪୭ ସୁଦ୍ଧା ୬୦ ଲକ୍ଷ 'କ୍ଲକ୍ଷପତି ଦିଦି' ଓ ୧୦ ଲକ୍ଷ 'ମିଲିନିଆର ଦିଦି' ସୃଷ୍ଟି କରିବା ପାଇଁ ଆମର ଲକ୍ଷ୍ୟ ରହିଛି । ସେ ପୁଣି କହିଥିଲେ ଯେ ମହିଳାଙ୍କ ଶିକ୍ଷା, ସ୍ୱାସ୍ଥ୍ୟ ଓ ଆର୍ଥିକ ସଶକ୍ତିକରଣ ପାଇଁ ବିଭିନ୍ନ ଯୋଜନା ଆମ ସରକାର ଆରମ୍ଭ କରିଛନ୍ତି । 'ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା', 'ମୁଖ୍ୟମନ୍ତ୍ରୀ କନ୍ୟା ସୁମଙ୍ଗଳ ଯୋଜନା' ଓ 'ଧାନମନ୍ତ୍ରୀ ମାତୃ ବନ୍ଦନା ଯୋଜନା' ମହିଳାଙ୍କ ସୁରକ୍ଷା ଓ ସମୃଦ୍ଧି ପାଇଁ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ । ମୁଖ୍ୟମନ୍ତ୍ରୀ କ୍ଷେତ୍ରରେ କହିଥିଲେ ଯେ ମହିଳା ସଶକ୍ତିକରଣ ଆମ ସରକାର ପାଇଁ କେବଳ ଏକ ସ୍ଲୋଗାନ ନୁହେଁ, ଏହା ଏକ ପ୍ରତିବଦ୍ଧତା । ମହିଳାମାନଙ୍କ ଆତ୍ମବିଶ୍ୱାସ ଓ ପରିଶ୍ରମ ଦ୍ୱାରା ଏକ ସଶକ୍ତ, ସମୃଦ୍ଧ ଓଡିଶା ଗଠିତ ହେବ ବୋଲି ସେ ଦୃଢ଼ତାକ୍ତି ପ୍ରକାଶ କରିଥିଲେ । ଏଥି ସହିତ ମୁଖ୍ୟମନ୍ତ୍ରୀ ଗତକାଲି ମାନ୍ୟବର ରାଷ୍ଟ୍ରପତିଙ୍କୁ ପଶ୍ଚିମବଙ୍ଗ ଠାରେ କରାଯାଇଥିବା ଅସମ୍ମାନକୁ ଦୃଢ଼ ନିନ୍ଦା କରିବା ସହିତ ଏଭଳି ଅନାଦର ଜେବନ ରାଷ୍ଟ୍ରପତିଙ୍କୁ ନୁହେଁ, ସାରା ଦେଶ ପାଇଁ ଓ ସାରା ନାରୀ ସମାଜ ପ୍ରତି ଅସମ୍ମାନ ବୋଲି କହିଛନ୍ତି । କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ସୁଭଦ୍ରା ସମୀକ୍ଷା ରିପୋର୍ଟ , ମହିଳା ଓ ଶିଶୁ ବିକାଶ ବିଭାଗର ଏକ କଫି ଡେବୁଲ ବୁକ ଓ ବାଲ୍ୟ ବିବାହ ନିବାରଣ ପାଇଁ ପ୍ରସ୍ତୁତ ହୋଇଥିବା ଏକ ପୁସ୍ତିକା ଉନ୍ମୋଚନ କରିଥିଲେ । କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ ତଥା ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡା ସମ୍ବୋଧନ ଶୁଭେଚ୍ଛା ଜଣାଇ କହିଥିଲେ ଯେ ଭାରତ ବର୍ଷ ଆଜି ମହିଳାଙ୍କ ପାଇଁ ଯାହା ଭାବୁଛି ମା ସୁଭଦ୍ରାଙ୍କ ଆଶୀର୍ବାଦରୁ ଓଡ଼ିଶାରେ ମହିଳାମାନେ ତା ଠାରୁ ବହୁତ ଆଗରେ ଅଛନ୍ତି । ଓଡ଼ିଶାରେ ମହିଳା ସଶକ୍ତିକରଣକୁ ପ୍ରମାଣିତ କରିଛି ସୁଭଦ୍ରା ଯୋଜନା । ସୁଭଦ୍ରା ଯୋଜନା ଆଜି ଓଡ଼ିଶାର ମହିଳା ଶକ୍ତିକୁ ଭାରତ ବର୍ଷରେ ଏକ ଉଦାହରଣୀୟ ଶକ୍ତି ରୂପେ ଗଢି ତୋଳିଛି । ପୂର୍ବରୁ ତିନୋଟି ପର୍ଯ୍ୟାୟରେ ୧୫୦୦୦ କୋଟି ରୁ ଅଧିକ ଟଙ୍କା ପ୍ରଦାନ କରାଯାଇଥିବା ବେଳେ ଆଜି ଚତୁର୍ଥ ପର୍ଯ୍ୟାୟର ସହାୟତା ରାଶି ମହିଳାଙ୍କ ବିକାଶ ଓ ସଶକ୍ତିକରଣ ପ୍ରତି ଆମ ପ୍ରତିବଦ୍ଧତାକୁ ଦର୍ଶାଇଛି । HPV ଭାଇରସ ଟୀକା ପାଇଁ ପ୍ରଧାନମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇ ରାଜ୍ୟର ବହୁ ୧୪ ରୁ ୧୫ ବର୍ଷ ଝିଅ ମାନଙ୍କୁ ଏହି ଟୀକା ଦେବା ପାଇଁ ସେ ସୁଭଦ୍ରା ମା ମାନଙ୍କୁ ଅନୁରୋଧ କରିଥିଲେ ।

ମହିଳା ଦିବସରେ ସରକାର ଉପରେ ବର୍ଷିଲେ ନବୀନ

ଭୁବନେଶ୍ୱର, ୮/୩ (ଆ.ପ୍ର) : ମହିଳା ଦିବସରେ ବିଜେପି ସରକାର ଉପରେ ବର୍ଷିଲେ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ । କହିଲେ, ରାଜ୍ୟରେ ସମ୍ପୂର୍ଣ୍ଣ ଫେଲ୍ ବିଜେପି ସରକାର । ମହିଳାଙ୍କ ଉପରେ ଅତ୍ୟାଚାର ବଢିଚାଲିଛି, ହେଲେ ଶୁଣିବାକୁ କେହି ନାହାନ୍ତି । ପରିବାର ଠୁଁ ଆରମ୍ଭ କରି ଦେଶ, ବିଦେଶ ପର୍ଯ୍ୟନ୍ତ ମହିଳାଙ୍କ ବିନା କେହି ଆଗେଇପରିବେ ନାହିଁ । ବିଜୁବାବୁ ଏ କଥା ବୁଝିଥିଲେ । ତାଙ୍କ ସମୟରୁ ଆରମ୍ଭ ହୋଇଥିବା ମହିଳା ସଶକ୍ତିକରଣର ଐତିହାସିକ ଯୁଗ । ତାଙ୍କ ଦ୍ୱାରା ଅନୁପ୍ରାଣିତ ହୋଇ ବିଜୁ ଜନତା ଦଳ ମାଆ ମାନଙ୍କ ପାଇଁ ଅନେକ କାମ କରିଛି । ରାଜ୍ୟରେ ମହିଳାଙ୍କୁ ମୁଖ୍ୟ ସ୍ରୋତକୁ ଆଣିଛି । କିନ୍ତୁ ବିଜେପି ସରକାର ମାଆ ମାନଙ୍କ ଉପରେ ଅତ୍ୟାଚାର କରୁଛି । ସମସ୍ୟା ଶୁଣିବାକୁ କେହି ନାହିଁ । ଏପରେ ବିଜେପି କଡ଼ା ଜବାବ ରଖୁଛି । ବିଜେପି ବିଧାୟକ ଜୟ ନାରାୟଣ ମିଶ୍ର କହିଛନ୍ତି, ବିଜେଡି ସରକାରରେ ବେଶି ମହିଳା ଅତ୍ୟାଚାର ହୋଇଛି । ଶିଶୁ ଚାଲାଣରେ ବିଜେଡିର ବଡ଼ ବଡ଼ ନେତାଙ୍କ ସମ୍ପୃକ୍ତି ଥିଲା । ଏବେ ବିଜେଡି ଏଭଳି କହିବା ହାସ୍ୟାସ୍ପଦ ।

ଓଡ଼ିଶାରେ ତେଲର ଅଭାବ ନାହିଁ, ପାନିକ ହୁଅନ୍ତୁନି: ଯୋଗାଣ ମନ୍ତ୍ରୀ

ଭୁବନେଶ୍ୱର, ୮/୩ (ଆ.ପ୍ର) : ଦେଶ କିମ୍ବା ରାଜ୍ୟରେ ପେଟ୍ରୋଲ ଡିଜେଲର ଅଭାବ ନାହିଁ । ଓଡ଼ିଶାରେ ବହୁ ପରିମାଣରେ ତେଲ ମହଜୁଦ ଅଛି । ପାନିକ ହୋଇ ଅଧିକ କିଣି ଘରେ ହୋର୍ଡିଂ କରିବାର ଆବଶ୍ୟକତା ନାହିଁ ବୋଲି ରାଜ୍ୟବାସୀଙ୍କୁ ଅପିଲ କରିଛନ୍ତି ଖାଦ୍ୟ ଓ ଯୋଗାଣ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର । ସେ କହିଛନ୍ତି, ଯୁଦ୍ଧ ନେଇ ବିଶ୍ୱାନ୍ତିକର ଖବର ପରିବେଷଣ ହେଉଛି । ଭାରତ ନହେବାକୁ ମନ୍ତ୍ରୀ ପରାମର୍ଶ ଦେଇଛନ୍ତି । ତେଲ ଟାଙ୍କିରେ ଗାଡି ନେଇ ତେଲ ପକାନ୍ତୁ । ବ୍ୟାଗୋଲରେ ନେଇ ଘରେ ଗଚ୍ଛିତ ରଖନ୍ତୁ ନାହିଁ । ରୁଷିଆରୁ ତେଲ ଆସିବା ଆରମ୍ଭ ହେଲାଣି । ଯେଉଁଠି ଲାଇନ ଲାଗିଛି ସେଠି ଏପରି ଖବରରେ ଛାଡ଼ିଦିଆ ହୋଇଥିବାରୁ ହୋଇଛି । ଦରକାର ପଡିଲେ ଆଇନ ନିଆଯିବ । ନିତ୍ୟ ବ୍ୟବହାର ପଦାର୍ଥ, ଖାଦ୍ୟ, ଚାଉଳ ବି ଅଭାବ ନାହିଁ ବୋଲି ମନ୍ତ୍ରୀ କହିବା ସହ ଦର ବୃଦ୍ଧିର କାରଣ କିଛୁ କହିନାହାଁନ୍ତି ମନ୍ତ୍ରୀ । କିନ୍ତୁ ଦର ବୃଦ୍ଧି ଘଟିଛି ବୋଲି ସ୍ୱୀକାର କରିବା ସହ ଏହା ସାମୟିକ । ବିଭିନ୍ନ ସମୟରେ ଦର ଉପର ତଳ ହୋଇଥାଏ ବୋଲି ଯୁକ୍ତି ଦାହିଛନ୍ତି ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ।

ସହକାରୀ ନିର୍ବାହୀ ଯନ୍ତ୍ରୀ ଗିରଫ

କଟକ, ୮/୩ (ଆ.ପ୍ର) : ଭିଜିଲାନ୍ସ ଦ୍ୱାରା ଗିରଫ ହେଲେ କେନ୍ଦ୍ରାପଡ଼ା ଜଳସେଚନ ବିଭାଗର ସହକାରୀ ନିର୍ବାହୀ ଯନ୍ତ୍ରୀ ପ୍ରମୋଦ କୁମାର ରାୟ । ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ତାଙ୍କୁ ଗିରଫ କରାଯାଇଛି । ତଦନ୍ତ ସମୟରେ ପ୍ରମୋଦ ରାୟଙ୍କ ପାଖରୁ କୋଟି କୋଟି ଟଙ୍କାର ସମ୍ପତ୍ତି ମିଳିଥିବା ବେଳେ ସେ ଏହାର କୌଣସି ସନ୍ତୋଷଜନକ ଉତ୍ତର ଦେଇପାରି ନଥିଲେ । ଏହି ତଦାଲ ସମୟରେ ତାଙ୍କର ଭୁବନେଶ୍ୱରରେ ପ୍ରାୟ ୮୦୦୦ ବର୍ଗଫୁଟର ଏକ ଚାରି ମହଲା ଘର ଏବଂ ଚୌଦ୍ୱାରରେ ୫୨୦୦ ବର୍ଗଫୁଟର ଏକ ଦୁଇ ମହଲା କୋଠା ଠାବ କରାଯାଇଛି । ଏହା ସହିତ ଭୁବନେଶ୍ୱର ଓ ଚୌଦ୍ୱାରରେ ଦୁଇଟି ଦାମୀ ପ୍ଲଟ, ନଗଦ ୪.୮୮ ଲକ୍ଷ ଟଙ୍କା ଏବଂ ପ୍ରାୟ ୩୯.୨୧ ଲକ୍ଷ ଟଙ୍କାର ବ୍ୟାଙ୍କ ଜମା ମଧ୍ୟ ଜବତ ହୋଇଛି । ଏହି ସମସ୍ତ ସମ୍ପତ୍ତି ତାଙ୍କର ଆୟଠାରୁ ଯଥେଷ୍ଟ ଅଧିକ ବୋଲି ଭିଜିଲାନ୍ସ ପକ୍ଷରୁ କୁହାଯାଇଛି । ପ୍ରମୋଦ ରାୟ ୧୯୮୮ ମସିହାରେ ମାତ୍ର ୧୫୦୦ ଟଙ୍କା ବରମାରେ କଣେଣ ଜୁନିୟର ଇଞ୍ଜିନିୟର ଭାବେ ଚାକିରି ଆରମ୍ଭ କରିଥିବା ବେଳେ ଜିଲ୍ଲାନି ଭାବେ ସେ ଏତେ ପରିମାଣର ସମ୍ପତ୍ତି ଠୁଳ କଲେ, ସେ ନେଇ ଭିଜିଲାନ୍ସ ବିଭାଗ ପକ୍ଷରୁ ଅଧିକ ଖୋଜତାଡ଼ ଜାରି ରହିଛି।। ଗିରଫ ଯନ୍ତ୍ରୀ ନିଜ ଆୟ ଠାରୁ ୧୨୯ ପ୍ରତିଶତ ସମ୍ପତ୍ତି ଆୟବହିର୍ଭୂତ ଭାବେ ଠୁଳ କରିଥିବା ସାମ୍ବାଦିକ ସମ୍ମିଳନୀ ରେ ସୂଚନା ଦେଇଛନ୍ତି କଟକ ଭିଜିଲାନ୍ସ ଏସ ପି ।

ଭାରତର ନାରୀ ଶକ୍ତି ପ୍ରତ୍ୟେକ କ୍ଷେତ୍ରରେ ଏକ ନୂତନ ଶକ୍ତି ସହିତ ଆଗକୁ ବଢୁଛି: ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ, ୮/୩(ପି.ଆଇ.ବି):ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଦିଲ୍ଲୀଠାରେ ପ୍ରାୟ ୩୩,୫୦୦ କୋଟି ଟଙ୍କା ମୂଲ୍ୟର ବହୁବିଧ ଉନ୍ନୟନମୂଳକ ପ୍ରକଳ୍ପର ଭିତ୍ତିସ୍ଥାପନ ଏବଂ ଶିଳାନ୍ୟାସ କରିଛନ୍ତି । ସମାବେଶକୁ ସମ୍ବୋଧିତ କରି ଶ୍ରୀ ମୋଦୀ କହିଥିଲେ ଯେ, 'ଆଜି, ଆମେ ସମସ୍ତେ ଦିଲ୍ଲୀର ବିକାଶକୁ ଏକ ନୂତନ ଗତି ଦେବା ପାଇଁ ଏଠାରେ ଏକତ୍ରିତ ହୋଇଛୁ । ଏହି ପ୍ରକଳ୍ପଗୁଡ଼ିକର ପରିଧି ବହୁତ ବ୍ୟାପକ, ଯେଉଁଥିରେ ମେଟ୍ରୋ କନେକ୍ଟିଭିଟି ବିସ୍ତାରରୁ ଆରମ୍ଭ କରି ହଜାର ହଜାର ସରକାରୀ କର୍ମଚାରୀଙ୍କ ପାଇଁ ଆଧୁନିକ ଆବାସିକ କମ୍ପ୍ଲେକ୍ସ ପ୍ରତିଷ୍ଠା ପର୍ଯ୍ୟନ୍ତ ଅନେକ କାର୍ଯ୍ୟ ସମ୍ପାଦିତ ଅଛି । "ଦିଲ୍ଲୀର ଲୋକମାନେ ଏକ ବର୍ଷ ପୂର୍ବେ ନୂତନ ଆଶା ଏବଂ ନୂତନ ସଙ୍କଳ୍ପ ସହିତ ଏଠାରେ ଡବଲ୍ ଇଞ୍ଜିନ୍ ସରକାର ଗଠନ କରିଥିଲେ, ଯାହାର ଫଳାଫଳ ଆଜି ଏହି ବିକାଶ କାର୍ଯ୍ୟ ମାଧ୍ୟମରେ ଦୃଶ୍ୟମାନ ହେଉଛି,' ବୋଲି ଶ୍ରୀ ମୋଦୀ ଲୋଡ ଦେଇ କହିଛନ୍ତି । କାର୍ଯ୍ୟକ୍ରମରେ ଅନ୍ତର୍ଜାତୀୟ ମହିଳା ଦିବସ ପାଳନ କରି ପ୍ରଧାନମନ୍ତ୍ରୀ ମହିଳାମାନଙ୍କର ବିପୁଳ ଉପସ୍ଥିତିକୁ ପ୍ରଶଂସା କରିଥିଲେ ଏବଂ ରାଜ୍ୟ ସରକାରଙ୍କ ସଫଳ ନେତୃତ୍ୱରେ ଗାଳନୀତି, ବିଜ୍ଞାନ ଏବଂ କ୍ରୀଡା ସହିତ ବିଭିନ୍ନ କ୍ଷେତ୍ରରେ ଭାରତର ସଶକ୍ତୀକରଣ କାହାଣୀକୁ କିପରି ସେମାନଙ୍କର ଶକ୍ତି ଏବଂ ଆତ୍ମବିଶ୍ୱାସ ପରିଚାଳିତ କରୁଛି ତାହା ବର୍ଣ୍ଣନା କରିଥିଲେ । "ରାଜନୀତି ହେଉ କି ପ୍ରଶାସନ, ବିଜ୍ଞାନ, କ୍ରୀଡ଼ା କିମ୍ବା ସାମାଜିକ ସେବା-

ଭାରତର 'ନାରୀ ଶକ୍ତି' ପ୍ରତ୍ୟେକ କ୍ଷେତ୍ରରେ ନୂତନ ଶକ୍ତି ସହ ଆଗକୁ ବଢୁଛି," ବୋଲି ଶ୍ରୀ ମୋଦୀ ଆଲୋକପାତ କରିଥିଲେ । ବିଶ୍ୱ ଭାରତୀୟ ରନ୍ଦରର ବିଶ୍ୱସ୍ତରୀୟ ପରିଚୟ ଓ ଶକ୍ତିର ପ୍ରତୀକ ବୋଲି ଗୁରୁତ୍ୱାରୋପ କରି ପ୍ରଧାନମନ୍ତ୍ରୀ ଉଲ୍ଲେଖ କରିଥିଲେ ଯେ, ରାଜଧାନୀର ଭିତ୍ତିଭୂମି ସୁବିଧା ଓ ସଂଯୋଗ ବ୍ୟବସ୍ଥାର ଆଧୁନିକୀକରଣ, ଯେପରିକି ନମୋ ଭାରତ ଟ୍ରେନ୍ ଏବଂ ମେଟ୍ରୋ କନେକ୍ଟିଭିଟିର ଐତିହାସିକ ବିସ୍ତାର ୩୭.୫ କିଲୋମିଟର ପର୍ଯ୍ୟନ୍ତ ନେଇଯିବା, ବିଶ୍ୱ ସ୍ତରୀୟ ଭାରତର ଆତ୍ମବିଶ୍ୱାସ ପ୍ରଦର୍ଶନ କରିବା ପାଇଁ ଅତ୍ୟାବଶ୍ୟକ । 'ଦିଲ୍ଲୀ ଯେତେ ଆଧୁନିକ, ସୁବିଧାଜନକ ଏବଂ ଭଲ ଭାବରେ ସଂଯୁକ୍ତ ହେବ, ଭାରତର ଆତ୍ମବିଶ୍ୱାସ ବିଶ୍ୱ ସ୍ତରରେ ସେତେ ଦୃଢ଼ ଭାବରେ ଦୃଶ୍ୟମାନ ହେବ,' ବୋଲି ଶ୍ରୀ ମୋଦୀ ମନ୍ତବ୍ୟ ଦେଇଥିଲେ । ଡବଲ-ଇଞ୍ଜିନ୍ ଶାସନ ମଡେଲ୍ ଅଧୀନରେ, ପ୍ରତିଦିନ ବସ୍ ସେବା ଉପରେ ନିର୍ଭର କରୁଥିବା ଲକ୍ଷ ଲକ୍ଷ ନାଗରିକଙ୍କ ପାଇଁ ସ୍ୱଚ୍ଛ, ଆରାମଦାୟକ ଏବଂ ଆଧୁନିକ ଯାତ୍ରା ସୁନିଶ୍ଚିତ କରିବା ପାଇଁ ଜାତୀୟ ରାଜଧାନୀର ପ୍ରତ୍ୟେକ ପରିବହନ ସୁବିଧାକୁ ବ୍ୟବସ୍ଥାଗତ ଭାବରେ ଗ୍ରହଣ କରାଯିବା ଉପରେ ପ୍ରଧାନମନ୍ତ୍ରୀ ଗୁରୁତ୍ୱାରୋପ କରିଥିଲେ । 'କେନ୍ଦ୍ର ସରକାରଙ୍କ ଦ୍ୱାରା ଯୋଗାଇ ଦିଆଯାଇଥିବା ଚାରି ହଜାରରୁ ଅଧିକ ଇଲେକ୍ଟ୍ରିକ୍ ବସ୍ ପୂର୍ବରୁ କାର୍ଯ୍ୟକ୍ଷମ ହୋଇସାରିବାବେଳେ, କେବଳ ଗତ ବର୍ଷ ଅତିରିକ୍ତ ୧,୮୦୦ ନୂତନ ବସ୍ ବିଏମଟିସି ବେଡ଼ାଯାଇଛି, ଯେଉଁଥିରେ ଶତାଧିକ 'ଦେବୀ ବସ୍' ମଧ୍ୟ ରହିଛି, ଯାହା ଦିଲ୍ଲୀର କଲୋନୀ ଏବଂ ପଡ଼ୋଶୀ ଅଞ୍ଚଳଗୁଡ଼ିକରେ ଶେଷ ମାଇଲ୍ ସଂଯୋଗକୁ ଶକ୍ତିଶାଳୀ କରିବା ପାଇଁ ରୂପାୟିତ," ବୋଲି ଶ୍ରୀ ମୋଦୀ ମନ୍ତବ୍ୟ ଦେଇଥିଲେ ।

ଘୋଡ଼ା ବେପାରର କୌଣସି ଆଶଙ୍କା ହେଲେ ଏଜେଂଟ ହେଇ ବସିବି : ଭକ୍ତ ଦାସ

ଭୁବନେଶ୍ୱର, ୮/୩ (ଆ.ପ୍ର) : ରାଜ୍ୟସଭା ନିର୍ବାଚନରେ ଏଜେଂଟ ଭାବେ ରହିବେ ଭକ୍ତ ଦାସ । ଘୋଡ଼ା ବେପାର ହେବ ନାହିଁ ଏହି ଆଶା ଓ ବିଶ୍ୱାସ ରଖିଛି । ଯଦି ହେବାର କୌଣସି ଆଶଙ୍କା ଦେଖା ହେବ ନିଜେ ଏଜେଂଟ ହେଇକି ବସିବି ବୋଲି ଦଢ଼ ବୟାନ ଦେଇଛନ୍ତି ଭକ୍ତ ଦାସ । ବିଜେପି ଜାଣି ଶୁଣି ଆଜ ଗୋଟେ ସ୍ୱାଧୀନ ପ୍ରାର୍ଥୀ ଦେଇଛି । ବିଶୃଙ୍ଖଳା କରିବା ପାଇଁ । ତାଙ୍କର ଲକ୍ଷ କ୍ରସ ଭୋଟିଂ କରି ବିଶୃଙ୍ଖଳା କରିବା ବୋଲି ଅଭିଯୋଗ କରିଛନ୍ତି ଭକ୍ତ ଦାସ । ଛଇୟ କଂଗ୍ରେସ ଓ ବିଜେଡି ଏହି କ୍ରସ ଭୋଟିଂ ନ ହେବା ପାଇଁ ଜନସାଧାରଣଙ୍କ ମଧ୍ୟରୁ ଜାଗରୁକ ବାଛିଛନ୍ତି । ଡାକ୍ତର ବଡେଶ୍ୱର ଛୋଟା ଏକ ଭାବିତ ପ୍ରାର୍ଥୀ । ଦେଖୁ ତାଙ୍କୁ ଚୟନ କରିବା ପାଇଁ ମୀମାଂସି ଭୋଟ ରହିଛି ଆମ ପାଖରେ । କ୍ରସ ଭୋଟିଂର ପ୍ରଶ୍ନ ଉଠୁନି । ବିଜୁପ୍ରୟ ରାୟକୁ, କଂଗ୍ରେସ ପକ୍ଷରୁ କେହି ସମର୍ଥନ ଦେବେ ନାହିଁ । ସମସ୍ତ ବିଧାୟକ ଏ ନେଇ ପ୍ରତିଶ୍ରୁତି ଦେଇଛନ୍ତି । ଯଦି କୌଣସି ଆଶଙ୍କା ରୁହେ ତେବେ ଭକ୍ତ ଦାସ ନିଜେ ଏଜେଂଟ ହେବେ । ଆଜ ବିଶୃଙ୍ଖଳା ହେଲେ ବା ପାର୍ଟି ଶୃଙ୍ଖଳାରୁ ବାହାରକୁ ଗଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ହେବ । ନିଜ ଅଂଚଳକୁ ଯାଇପାରିବେ ନାହିଁ ବୋଲି କଡ଼ା ଚେତବନି ଦେଇଛନ୍ତି ପିସିସି ସଭାପତି ଭକ୍ତ ଦାସ । ବିଜେଡି ମଧ୍ୟ ଏହି କ୍ଷେତ୍ରରେ ପୂରା କଡ଼ା ଶୃଙ୍ଖଳ ରଖୁଛି । ରାଜ୍ୟର ହିତ ପାଇଁ କାର୍ଯ୍ୟ କରୁଛୁ ବୋଲି ସେ କହିଛନ୍ତି ।

ଆଜିଠାରୁ ସଂସଦର ବଜେଟ ଅଧିବେଶନର ଦ୍ୱିତୀୟ ପର୍ଯ୍ୟାୟ

ନୂଆଦିଲ୍ଲୀ, ୮/୩(ନ୍ୟୁ.ଏଏ): ସଂ

ଦୈନିକ
ଆରମ୍ଭ
SEITHO ARAMBHA
ସୋମବାର, ୯ ମାର୍ଚ୍ଚ, ୨୦୨୬ : ବାଲେଶ୍ୱର : ପୃଷ୍ଠା -୨

କାହା ମନରେ ସନ୍ତାପ ନ ଦେବା
ହେଉଛି ଅହିଂସା - ମହାତ୍ମା ଗାନ୍ଧୀ

ଗ୍ରୀଷ୍ମ ପ୍ରବାହର ମୁକାବିଲା ପାଇଁ ବ୍ଲକ ସ୍ତରୀୟ ପ୍ରସ୍ତୁତି ବୈଠକ

ରାୟଗଡ଼, ୮/୩ (ଆ.ପ୍ର) : ଜିଲ୍ଲାପାଳ ଆଶୁତୋଷ କୁଲକର୍ଣ୍ଣୀଙ୍କ ନିର୍ଦ୍ଦେଶ କ୍ରମେ ରାୟଗଡ଼ା ବ୍ଲକ ସଦଭାବନା ଗୃହରେ ଗ୍ରୀଷ୍ମ ପ୍ରବାହର ମୁକାବିଲା ପାଇଁ ବ୍ଲକ ସ୍ତରୀୟ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ବ୍ଲକ ଉପାଧ୍ୟକ୍ଷ ହର ପ୍ରସାଦ ଦେଉଲା, ବିଡିଓ ଗୁଞ୍ଜିତ କୁମାର ମିଶ୍ର, ଏଚିଡିଓ ଲାଲୁ ଚରଣ ନାୟକ, ଗ୍ରାମ ପଂଚାୟତ ବିଭାଗ ଅଧିକାରୀ ସୁଚିରେଖା ନାୟକ, ଜଳ ଓ ପରିମଳ ବିଭାଗ ସହକାରୀ ଯତ୍ରୀ ବିଶ୍ୱଜିତ ବଟାଲାଲନ୍ଦା ସମେତ ସରପଂଚ, ସମିତି ସଭ୍ୟ, ସଭ୍ୟା, ପଂଚାୟତ ନିର୍ବାହୀ ଅଧିକାରୀ, ବ୍ଲକ ସ୍ତରୀୟ ସମସ୍ତ ବିଭାଗୀୟ ଅଧିକାରୀ ବୃନ୍ଦ ଉପସ୍ଥିତ ଥିଲେ । ଚଳିତ ମାର୍ଚ୍ଚ ମାସରୁ ଗ୍ରୀଷ୍ମ ପ୍ରବାହ ଧୀରେ ଧୀରେ ବଢୁଥିବାରୁ ଅଂଶୁଘାତର ନିୟନ୍ତ୍ରଣ ଓ ଧନ ଜୀବନ, ପଶୁପକ୍ଷୀଙ୍କ ରକ୍ଷା ସମ୍ପର୍କରେ ଆଲୋଚନା ହୋଇଥିଲା । ଗ୍ରୀଷ୍ମ ପ୍ରବାହ ତଥା ଅଂଶୁଘାତର ମୁକାବିଲା ନିମନ୍ତେ ପ୍ରତି ବିଭାଗୀୟ ଅଧିକାରୀ ସମ୍ପୃକ୍ତ ବିଭାଗୀୟ ଯୋଜନା ଗୃହରେ ଉପସ୍ଥାପନ କରିଥିଲେ । ଏଥିପାଇଁ ଏକ କଂଟିଜେଂଟ

ପ୍ଲାନ ପ୍ରସ୍ତୁତ କରାଯାଇଥିଲା । ସ୍ୱାସ୍ଥ୍ୟ ବିଭାଗର ସମସ୍ତ ସ୍ୱାସ୍ଥ୍ୟକେନ୍ଦ୍ର ଓ ଲାଭ ସ୍ୱାସ୍ଥ୍ୟକେନ୍ଦ୍ରରେ ଔଷଧ ପ୍ରସ୍ତୁତ ରଖିବା, ଆବଶ୍ୟକ ପରିମାଣର ଔଷଧଏସ ଓ ଔଷଧ ରକ୍ଷିତ ରଖିବା ପାଇଁ ବୁଝାଯାଇଛି । ପ୍ରତି ପଂଚାୟତ ଓ ବ୍ଲକ ଜାଗା, ବସ ରହଣି ସ୍ଥଳରେ ଜନସଚ୍ଚେତନତାର ଖୋଲିବା ପାଇଁ ମୁଖ୍ୟ ଉନ୍ନୟନ ଅଧିକାରୀ ଅକ୍ଷୟ କୁମାର ଖେମୁଣ୍ଡୁଙ୍କ ନିର୍ଦ୍ଦେଶକୁ ଅନୁସରି କରାଯାଇଥିଲା । ସମସ୍ତ ପାନୀୟଜଳ ଉତ୍ସ ଗୁଡିକର ମରାମତି କରାଯାଇ କାର୍ଯ୍ୟକ୍ଷମ କରିବା, ଆବଶ୍ୟକ ନଳକୂପ ଯନ୍ତ୍ରାଂଶ ମହଜୁଦ ରଖିବା, ବର୍ତମାନ ସୁଦ୍ଧା ନଳକୂପ ମରାମତି ଗାଡ଼ି କାର୍ଯ୍ୟକ୍ଷମ ଅଛି, ଦରକାର ହେଲେ ଅଧିକ ଗାଡ଼ି ଓ କର୍ମଚାରୀଙ୍କ ବ୍ୟବସ୍ଥା କରାଯିବ, ଜଳକଷ୍ଟ ଗ୍ରାମର ଚିହ୍ନଟ କରାଯାଇ ପାନୀୟଜଳ ଯୋଗାଣର ବ୍ୟବସ୍ଥା କରାଯିବ ବୋଲି ସହକାରୀ ଯନ୍ତ୍ରୀ ସୁଶ୍ରୀ ଦୀପ୍ତି କହିଛନ୍ତି । ବିଦ୍ୟାଳୟ ଓ ଅଙ୍ଗନୱାଡ଼ି କେନ୍ଦ୍ର ଗୁଡିକ ସରକାରଙ୍କ ନିର୍ଦ୍ଦେଶ ଅନୁସାରେ କାର୍ଯ୍ୟ ସମୟ ପରିବର୍ତନ କରାଯିବ । ଶ୍ରମିକ ମାନଙ୍କ କାର୍ଯ୍ୟ ନିର୍ଘଂଟ, ବସ ଗୁଡିକର ଯାତାୟାତ ସମୟରେ ପରିବର୍ତନ, ଜଙ୍ଗଲକୁ ନିଆଁ ଦାଉରୁ ରକ୍ଷା ପଗୁପକ୍ଷୀଙ୍କ ନିମନ୍ତେ ବ୍ୟବସ୍ଥା ବିଷୟରେ ଆଲୋଚନା କରାଯାଇଥିଲା । ଅଂଶୁଘାତରୁ ରକ୍ଷା ପାଇବା ନିମନ୍ତେ ଛତା, କୋତା, ଓଡା ଗାମୁଛା ବ୍ୟବହାର ଓ ସତର୍କତା ଅବଲମ୍ବନ ନିମନ୍ତେ ସଚେତନତା ସୃଷ୍ଟି ନିମନ୍ତେ ନିଷ୍ପତ୍ତି ହୋଇଥିଲା । ଅଂଶୁଘାତ ଜନିତ ମୃତ୍ୟୁ ହେଲେ ତତ୍ସମ୍ବନ୍ଧିତ ବିଭାଗ ଓ ବିଡିଓଙ୍କୁ ଅବଗତ କରାଯିବ । ପ୍ରତି ଗ୍ରାମରେ ଅଙ୍ଗନୱାଡ଼ି କର୍ମୀ ଓ ଶିକ୍ଷକ ଗ୍ରାମ୍ୟ ସ୍ତରରେ ଏବଂ ପଂଚାୟତ ନିର୍ବାହୀ ଅଧିକାରୀ ଗ୍ରାମ ପଂଚାୟତ ସ୍ତରରେ ନୋଡାଲ ଅଧିକାରୀ ଭାବେ କାର୍ଯ୍ୟ କରିବେ । ବ୍ଲକ ସହ ସମସ୍ତ ଗ୍ରାମ ପଂଚାୟତ ଓ ବିଭାଗୀୟ କାର୍ଯ୍ୟାଳୟ ଗୁଡିକରେ ୨୪ ଘଣ୍ଟା ନିୟନ୍ତ୍ରଣ କକ୍ଷମାନ ଖୋଲିବା ସହ ତହାର ଫୋନ ନମ୍ବର ନିଜ କାର୍ଯ୍ୟାଳୟ ବାହାରେ ପ୍ରଦର୍ଶନ କରିବେ ଏବଂ ତହା ବ୍ଲକ, ତହସିଲ ଓ ଜିଲ୍ଲା କାର୍ଯ୍ୟାଳୟକୁ ଅବଗତ କରିବା ନିମନ୍ତେ ସମସ୍ତଙ୍କୁ ଅବଗତ କରାଯାଇଥିଲା ।

ଜଙ୍ଗଲ ନିଆଁ ପରିଚାଳନା ସୁଦୃଢ଼ୀକରଣ ପାଇଁ ନାଟକ ମାଧ୍ୟମରେ ସଚେତନତା ବାର୍ତା

ବଣାଲି, ୮/୩ (ଆ.ପ୍ର) : ଜଙ୍ଗଲ ନିଆଁ ପରିଚାଳନାରେ ଅଧିକାଂଶ ଅଧିକ ଲୋକଙ୍କୁ ସାମିଲ କରାଯାଇ ଏହାକୁ ଏକ ଗଣ ଆନ୍ଦୋଳନରେ ପରିଣତ କରାଯିବାର ଆବଶ୍ୟକତା ରହିଛି । ଜଙ୍ଗଲ ନିଆଁ କେବଳ ହଜାର ହଜାର କୋଟି ଟଙ୍କାର ଜଙ୍ଗଲ ସଂପଦ ନଷ୍ଟ କରିନଥାଏ କିମ୍ବା ବନ୍ୟପ୍ରାଣୀଙ୍କ ଜୀବନକୁ ବିପନ୍ନ କରିନଥାଏ, ଅପରନ୍ତୁ ଏହା ବିପୁଳ ମାତ୍ରାର ଅଙ୍ଗାରକାମ୍ଳ ବାଷ୍ପ ସୃଷ୍ଟି କରିଥାଏ, ଯାହା ବାୟୁମଣ୍ଡଳ ପ୍ରଦୂଷଣର ଏକ ମୁଖ୍ୟ କାରଣ । ବିଶ୍ୱ ଉତ୍ତାପନ ବୃଦ୍ଧିରେ ଏହା ସହାୟକ ହୋଇଥାଏ । ଜଙ୍ଗଲ କୁ କିପରି ରକ୍ଷା କରାଯିବ ସେଥିପାଇଁ ବିଭିନ୍ନ ସଚେତନତା କଳା ଯାଉ ଥିବା ବେଳେ ବଣାଲ ବନଖଣ୍ଡର ଡାମଡା ରେଞ୍ଜର ଭାଲୁହୁଣ୍ଡୁରି ସେକ୍ସନ ର ଦହିରୁର, ଭାଲୁହୁଣ୍ଡୁରି, ବାର ଗେଟ୍‌ଙ୍କରେ ଏକ ନାଟକ ମାଧ୍ୟମରେ ସଚେତନତା କରାଯାଇ ଥିଲା । ଭାଲୁହୁଣ୍ଡୁରି ଫରେଷ୍ଟର ଶୀରେଶ୍ୱରୀ ବେହାର ଏବଂ ବନବିଭାଗର ଷ୍ଟୁଆଡ଼ୁଙ୍କ

ଉପସ୍ଥିତରେ କୁଚିଶ୍ମାର କଳାକାର ମାନେ ନିଆଁ ନିୟନ୍ତ୍ରଣ ପାଇଁ ସଚେତନତା ବାର୍ତାକୁ ବେଶ ସୁନ୍ଦର ଭାବରେ ପରିବେଷଣ କରି ଥିବା ବେଳେ ଜଙ୍ଗଲ ରେ ନିଆଁ ଲଗାନୁ ନାହିଁ, ଜଙ୍ଗଲ ରୁ ଆମେ ବିଭିନ୍ନ ପ୍ରକାର ଔଷଧ, ଛୁଡ଼, କେନ୍ଦୁ, ଚାରା ସହିତ ବିଭିନ୍ନ ପ୍ରକାର ଫଳ ପାଉଛୁ ବୋଲି ନାଟକ ମାଧ୍ୟମରେ ପରିବେଷଣ କରି ଥିବା ବେଳେ, ଆପଣ ମାନେ ସଚେତନତା ହେଲେ ଜଙ୍ଗଲ ବଞ୍ଚିବ ବୋଲି କହି ଥିଲେ, ଫରେଷ୍ଟର କହି ଥିଲେ ଜଙ୍ଗଲ ଦୁମ୍ରା ଆମେ ଖାଲି ଚରିଛୁ ତୁମେ ମାନେ ଏଠୁ ସବୁ ପାଉଛ ଏଣୁ ଜଙ୍ଗଲ ରେ ନିଆଁ ଲଗାନୁ ନାହିଁ, ସରକାର ଆମକୁ ଜମିବା ଲାଗି ଦେଇଛି, ଏବେ ମାଟୁଲ ସଂଗ୍ରହ କରୁଛ ପରେ କେହେ ପରେ ଏଣୁ ମହୁଲ ସଂଗ୍ରହ କରୁ ଥିବା ବେଳେ ନିଆଁ ଲଗାଇ ଦେବଛ, ଏଣୁ ଲଗାଇ ବା ପରେ ନିଆଁ ଲିଭାଇ ଦିଅନ୍ତୁ, ଯେପରି ସେହି ନିଆଁ ଜଙ୍ଗଲକୁ ଯିବ ନାହିଁ ବୋଲି କହିଥିଲେ । ତା ସହିତ କହିଲେ ଏକ ଜାତୀୟ ଜଙ୍ଗଲ ନିଆଁ ନିରାକରଣ ପରିଚାଳନା ଯୋଜନାକୁ ମୁକ୍ତ, ପରାମର୍ଶମୂର୍ତ୍ତି ଓ ନିର୍ଦ୍ଦିଷ୍ଟ ସମୟାନୁଯାୟୀ ପ୍ରକ୍ରିୟା, ଗୁଣାତ୍ମକ ମାନଯୁକ୍ତ ପରିଚାଳନା ବ୍ୟବସ୍ଥା, ସ୍ଥାନୀୟ ଆବଶ୍ୟକତା ପୂରଣଯୁକ୍ତ ପ୍ରଯୁକ୍ତିସମ୍ମତ ଭାବେ ବିକାଶ ଗଢାଯିବା ଆବଶ୍ୟକ । ଏହା ଦ୍ୱାରା ଯେକୌଣସି ବଡ଼ ଧରଣର ବନଜୁଙ୍କୁ ବାଧିତ୍ୟସମ୍ମତ ଭାବେ ମୁକାବିଲା ଓ ନିୟନ୍ତ୍ରଣ କରାଯାଇପାରିବ ।

ନୂଆପଡାରେ ଜିଲ୍ଲାସ୍ତରୀୟ ଅନ୍ତର୍ଜାତୀୟ ମହିଳା ଦିବସ ପାଳନ, ସୁଭଦ୍ରା ଯୋଜନାର ଚତୁର୍ଥ କିସ୍ତି ବଂଟନ

ନୂଆପଡା, ୮/୩ (ଆ.ପ୍ର) : ନୂଆପଡା ଜିଲ୍ଲା ସମାଜ କଲ୍ୟାଣ ବିଭାଗ ଓ ଜିଲ୍ଲା ପ୍ରଶାସନ ଅନୁକୂଳ୍ୟରେ ଜିଲ୍ଲାସ୍ତରୀୟ ଅନ୍ତର୍ଜାତୀୟ ମହିଳା ଦିବସ–୨୦୨୬ ସ୍ଥାନୀୟ ପୋଲିସ ପଡ଼ିଆ ଠାରେ ଭବ୍ୟ ଭାବେ ପାଳିତ ହୋଇଯାଇଛି । ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସମାରୋହରେ ନୂଆପଡ଼ା ବିଧାୟକଙ୍କ ପ୍ରତିନିଧି ତଥା ପତ୍ନୀ ଶ୍ରୀମତୀ ସୁମନ ହୋଲକିଆ, ଜିଲ୍ଲା ପରିଷଦ ଉପାଧ୍ୟକ୍ଷା ଶ୍ରୀମତୀ ଦୀପିକା ଦୀପ, ନୂଆପଡା ବ୍ଲକ୍ ଅଧ୍ୟକ୍ଷା ଶ୍ରୀମତୀ ତାରେଶ୍ୱରୀ ସାହୁ, କୋମନା ବ୍ଲକ ଅଧ୍ୟକ୍ଷା ଶ୍ରୀମତୀ ଅନୁସୂୟା କୁମାର, ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଲମ୍ବୋଦର ଧଣ୍ଡସୀ, ଉପ ଜିଲ୍ଲାପାଳ ଶ୍ରୀମତୀ ସୁମି ସୋରେନ, ସିଡିଏମଓ ଡଃ ଧନେଶ୍ୱର ସେଠୀ ଓ ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ଶ୍ରୀମତୀ ଏସ୍, ଗୀତା ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ । ଏହି ଅବସରରେ ଜିଲ୍ଲାର ବହୁ ସଂଖ୍ୟକ ମହିଳା ଓ ହିତାଧିକାରୀମାନେ ଉପସ୍ଥିତ ଥିଲେ । ଏହି ସମୟରେ ରାଜ୍ୟସ୍ତରରେ ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀଙ୍କ ଦ୍ୱାରା ସୁଭଦ୍ରା ଯୋଜନାର ଚତୁର୍ଥ କିସ୍ତି ବଂଟନ କାର୍ଯ୍ୟକ୍ରମର ସିଧା ପ୍ରସାରଣ ଦେଖାଯାଇଥିଲା । ଏହା ମାଧ୍ୟମରେ ପ୍ରାୟ ୧ କୋଟି ମହିଳା ହିତାଧିକାରୀଙ୍କୁ ୫ ହଜାର କୋଟି ଟଙ୍କାରୁ ଅଧିକ ରାଶି ସିଧାସଳଖ ତାଙ୍କ ବ୍ୟାଙ୍କ ଖାତାକୁ ଡିବିଟି ମାଧ୍ୟମରେ ପ୍ରଦାନ କରାଯାଇଥିଲା । ଦିବସ ଉପଲକ୍ଷେ ଆୟୋଜିତ ଜିଲ୍ଲାସ୍ତରୀୟ ବିଭିନ୍ନ ପ୍ରତିଯୋଗିତାର ବିଜେତାମାନଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ । କୋମନା ବ୍ଲକ ବିଡିପିଓ ଦେବକୀ ମଲ୍ଲିକଙ୍କୁ ଶ୍ରେଷ୍ଠ ବିଡିପିଓ ଭାବେ ସମ୍ମାନିତ କରାଯାଇଥିଲା । ଏହା ସହିତ ଜିଲ୍ଲାର କ୍ରୀଡ଼ା, ସମାଜସେବା, ସାହିତ୍ୟ ଓ ଅନ୍ୟାନ୍ୟ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ୮ ଜଣ ମହିଳାଙ୍କୁ ମଧ୍ୟ ସମ୍ମାନିତ କରାଯାଇଥିଲା । ଏହାପୂର୍ବରୁ ସକାଳ ୭ଟାରେ ଜିଲ୍ଲା ମୁଖ୍ୟାଳୟରୁ ବିଜୁ ପଟ୍ଟନାୟକ ଜନତୋର ଷ୍ଟାଡିୟମ ପର୍ଯ୍ୟନ୍ତ ଏକ ଶୋ ମାରାଥନ ଅୟୋଜିତ ହୋଇଥିଲା । ଜିଲ୍ଲାପାଳ ଏହାକୁ ପତାକା ଦେଖାଇ ଉଦ୍‌ଘାଟନ କରିଥିଲେ । ନୂଆପଡ଼ାର ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରୀ, ଅଭିଭାବକ ଓ ଶିକ୍ଷକ-ଶିକ୍ଷୟିତ୍ରୀମାନେ ବହୁ ସଂଖ୍ୟାରେ ଏଥିରେ ଅଂଶଗ୍ରହଣ କରିଥିଲେ । ଅତିରିକ୍ତ ଜିଲ୍ଲାପାଳ ସୁଚାସ ଚନ୍ଦ୍ର ରାଉତ, ଉପ ଜିଲ୍ଲାପାଳ ସୁମି ସୋରେନ ଓ ଅନ୍ୟାନ୍ୟ ଜିଲ୍ଲା ସ୍ତରୀୟ ଅଧିକାରୀମାନେ ମଧ୍ୟ ଉପସ୍ଥିତ ଥିଲେ । ସନ୍ଧ୍ୟାବେଳେ ଜିଲ୍ଲା ସଂସ୍କୃତି ପରିଷଦ ଆନୁକୂଲ୍ୟରେ ସ୍ଥାନୀୟ ସଦଭାବନା ସଭାଗୃହରେ ଏକ କବିତା ପାଠୋତ୍ସବ ଆୟୋଜନ କରାଯାଇଥିଲା । ଏଥିରେ ଜିଲ୍ଲାପାଳ, ଅତିରିକ୍ତ ଜିଲ୍ଲାପାଳ ଓ ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଅତିଥି ଭାବେ ଯୋଗଦେଇଥିଲେ । ଜିଲ୍ଲାର ବିଭିନ୍ନ ବ୍ଲକ୍‌ରୁ କବୟିତ୍ରୀମାନେ ଅଂଶଗ୍ରହଣ କରି ମହିଳା ସଶକ୍ତିକରଣ ଓ ସମ୍ମାନରେ ତାଙ୍କ ଅବଦାନକୁ କେନ୍ଦ୍ର କରି ସ୍ୱରଚିତ କବିତା ପାଠ କରିଥିଲେ ।

କିୟୋର୍ ଏନ୍ କେୟାର୍ ହସ୍ପିଟାଲରେ ଡାଏଲିସିସ୍ ୟୁନିଟ୍ ଉଦଘାଟନ କଲେ ବାସୁଦେବପୁର ବିଧାୟକ

ବାସୁଦେବପୁର, ୮/୩ (ଆ.ପ୍ର) : ଭଦ୍ରକ ଜିଲ୍ଲା ବାସୁଦେବପୁର ପୌରପାଳିକା ଅନ୍ତର୍ଗତ ଧାମରା ରୋଡ୍‌ରେ ଥିବା କିୟୋର୍ ଏନ୍ କେୟାର୍ ହସ୍ପିଟାଲରେ ଆଜି ଏକ ନୂତନ ଡାଏଲିସିସ୍ ୟୁନିଟ୍‌ର ଶୁଭ ଉଦଘାଟନ ହୋଇଛି । ବାସୁଦେବପୁର ବିଧାୟକ ଅଶୋକ କୁମାର ଦାସ ଫିତା କାଟି ଏହି ୟୁନିଟ୍‌ର ଉଦଘାଟନ କରିଥିଲେ । ଭଦ୍ରକ ଜିଲ୍ଲା ବାସୁଦେବପୁର ପୌରପାଳିକା ଅନ୍ତର୍ଗତ ଧାମରା ରୋଡ୍‌ରେ ଅବସ୍ଥିତ କିୟୋର୍ ଏନ୍ କେୟାର୍ ହସ୍ପିଟାଲରେ ଆଜି ଡାଏଲିସିସ୍ ୟୁନିଟ୍‌ର ଶୁଭ ଉଦଘାଟନ କରାଯାଇଛି ବାସୁଦେବପୁର ସହରର ପ୍ରଥମଥର ପାଇଁ ଏପରି ଡାଏଲିସିସ୍ ସୁବିଧା ଆରମ୍ଭ ହେବାରୁ ଏହା ସ୍ଥାନୀୟ ଲୋକଙ୍କ ପାଇଁ ବଡ଼ ସହାୟକ ହେବ । ଏହାର ଫଳରେ ବାସୁଦେବପୁର ଓ ଆସପାସ ଅଂଚଳର ରୋଗୀମାନେ ଡାଏଲିସିସ୍ ପାଇଁ ଆଉ ଦୂରଦୂରାନ୍ତକୁ ଯିବାକୁ ପଡିବ ନାହିଁ । ଏହି ଡାଏଲିସିସ୍ ବିଭାଗ ସେବା ଉଚ୍ଚ ଜାତି ପାଇଁ ନିର୍ଦ୍ଦେଶନାମା ହେବ ବୋଲି ହସ୍ପିଟାଲ ପକ୍ଷରୁ କୁହାଯାଇଛି । ଏହି ଅବସରରେ ବାସୁଦେବପୁର ବିଧାୟକ ଶ୍ରୀଯୁକ୍ତ ଅଶୋକ କୁମାର ଦାସ, ବାସୁଦେବପୁର ପୌରପାଳିକା ଅଧ୍ୟକ୍ଷା ଶ୍ରୀମତି ନିବେଦିତା ବେହେରା, କିୟୋର୍ ଏନ୍ କେୟାର୍ ହସ୍ପିଟାଲର ମେନେଜିଂଡାଇରେକ୍ଟର ଶ୍ରୀଯୁକ୍ତ ଶୁଭେନ୍ଦୁ ଭୂଷଣ ବେହେରା, ଡଃ ଘନଶ୍ୟାମ ଦାସ, ହସ୍ପିଟାଲର ଅଧ୍ୟକ୍ଷ ଡଃ ସମର୍ପଣ ନାୟକ, ମେଡିକାଲ ଅଫିସର, ମାନେଜଷ୍ଟାଫ ବାରିକ, ହସ୍ପିଟାଲ୍ ଅପରେସନ୍ ମ୍ୟାନେଜର, ବିଷ୍ଣୁଦତ ତ୍ରିପାଠୀ, କମଳମିତ୍ର ରାଉତଙ୍କ ସହ ଶିକ୍ଷାନୁଦାନ ବାରିକ, ଇତିଶ୍ରୀ ଦାସ, ସୌଦାମିନୀ ବାରିକ, ସୁଭ୍ର ଗିରି, ଓ ହସ୍ପିଟାଲର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ ।

ପ୍ରସିଦ୍ଧ ଚୁଡ଼ାକୁଟି ମେଳଣ ମହା ସମାରୋହରେ ଶାନ୍ତି ଶୃଙ୍ଖଳାର ସହ ଶେଷ ହୋଇଛି

ଧାମନଗର, ୮/୩ (ଆ.ପ୍ର) : ଧାମନଗର ବ୍ଲକ ଅନ୍ତର୍ଗତ ଚୁଡ଼ାକୁଟି ପଂଚାୟତ ଠାରେ ପ୍ରସିଦ୍ଧ ଐତିହାସିକ ଚୁଡ଼ାକୁଟି ମେଳଣ ମହା ସମାରୋହରେ ଶାନ୍ତି ଶୃଙ୍ଖଳାର ସହ ଶେଷ ହୋଇଛି । ପ୍ରକାଶ ଯେ ଚୁଡ଼ାକୁଟି ପଂଚୁ ବୋଲ ବାର୍ଗ ୫୧ ବର୍ଷର ପରମ୍ପରାକୁ ଅବିରତ ଜାରି ରଖିଛି । ସ୍ୱର୍ଗତ ନରେନ୍ଦ୍ର ପାଢୀ ଓ ସଚ୍ଚିଦାନନ୍ଦ ସାହୁଙ୍କ ପ୍ରୟାସରେ ଆରମ୍ଭ ହୋଇଥିବା ବେଳେ ଏହି ମେଳଣ, ଆଜି ସ୍ଥାନୀୟ ସାମାଜିକ ଓ ଧାର୍ମିକ ଜୀବନର ଏକ ଅବିଚ୍ଛେଦ୍ୟ ଅଂଶରେ ପରିଣତ ହୋଇଛି । ଏବେରେ ମେଳଣ କମିଟି ସଭାନେତ୍ରୀ ତଥା ବର୍ତମାନର ସରପଂଚ ଶ୍ରୀମତୀ କସ୍ତୁରୀ ବିଶ୍ୱାଳ,କାର୍ଯ୍ୟକାରୀ ସଭାପତି ନରେନ୍ଦ୍ର ଦାସ, ସମ୍ପାଦକ ଚନ୍ଦ୍ରଧର ଗୋଛାୟତ,ସମିତି ସଭ୍ୟ ଜ୍ଞାନରଞ୍ଜନ ମହାକୁଡ଼, ସହସଭ୍ୟ-ରାଜୀବ ମଲ୍ଲିକ, ଜମାଳାଣ୍ଡ ସାମଲ, ସନ୍ତୋଷ ପଲାଇ, ଶ୍ରୀଧର ରାଉତ, ନସିରୁଦ୍ଦିନ ଶାହା, ଅନ୍ତ ପ୍ରସାଦ ଦାସ ପ୍ରମୁଖଙ୍କ ସମ୍ବିଳିତ ଏବଂ ବଲପୁର ଓ ସରେଇ ଚୁଡ଼ାକୁଟି ପଂଚାୟତ ବାସୀଙ୍କ ସହଯୋଗରେ ଏବଂ ସମସ୍ତ ଠାକୁର ବଡ଼ଝିଙ୍କ ପ୍ରୟାସରେ ଏହି ମେଳଣ ଗତ ଶୁକ୍ରବାର ରାତିରେ ଆରମ୍ଭ ହୋଇ ଗତକାଲି ରବିବାର ଦିନ ସମସ୍ତ ବିମାନ ନିଜ ନିଜ ଠାକୁର ବାଡିକୁ ପ୍ରତ୍ୟାବର୍ତନ କରିଛନ୍ତି ଏବଂ ସହିତ ମହା ସମାରୋହରେ ଏହି ଐତିହାସିକ ମେଳଣକୁ ସମ୍ପନ୍ନ କରିଛନ୍ତି । ଚଳିତ ବର୍ଷର ମେଳଣରେ ପ୍ରତିବର୍ଷ ପରି ଦିବ୍ୟାଧିରାଜପୁର ଥାନପଡି ମେଢ଼ ପ୍ରଥମେ ମେଳଣ ପଡ଼ିଆରେ ପହଂଚିବା ପରେ, ଦ୍ୱିତୀୟରେ ଜାଗୁଜିସାହି,



ପନସା, ସୋରିଗଡ଼ିହ, ନାରାୟଣପୁର, କୁଣ୍ଡୁମା, ମାଳିଡ଼ିଆ, ସରେଇ ଶେଷରେ ଡାମନା ପ୍ରମୁଖ ୯ ଗୋଟି ମେଢ଼ ବହୁ ସାଜସଜା ସହିତ ନିଜ ବିମାନକୁ ନେଇ ମେଳଣ ପଡ଼ିଆ ଭିତରକୁ ଏଂଟ୍ରି କରିଥିଲେ । ଏହି ମେଳଣ ଦେଖେବା ପାଇଁ ଜିଲ୍ଲା ଓ ଜିଲ୍ଲା ବାହାରୁ ବହୁ ବର୍ଷର ଚୁଡ଼ାକୁଟି ବଜାରରେ ପହଂଚ ଥିଲେ । ସତେ ଯେପରି ଶୁକ୍ରବାର ରାତି ଚୁଡ଼ାକୁଟି ବଜାର ପାଲଟି ଥିଲା ଜନସମୁଦ୍ର । ଭକ୍ତ ଓ ଭଗବାନଙ୍କ ମିଳନର ଏହି ଦୃଶ୍ୟକୁ ଦେଖିବା ପାଇଁ ଅନେକ ଶ୍ରଦ୍ଧାଳୁ ଏକତ୍ରିତ ହୋଇଥିଲେ । ରାଙ୍ଗବେରଙ୍ଗର ଆଲୋକମାଳା, ଡିଜେ, ଆତସବାଜିର ଧ୍ୱନି ଓ ଭକ୍ତିମୟ ସଙ୍ଗୀତରେ ସମଗ୍ର ମେଳଣ ପଡିଆ ପ୍ରକମ୍ପିତ ହୋଇଥିଲା ।ଚୁଡ଼ାକୁଟି ମେଳଣ କେବଳ ଧାର୍ମିକ ଉତ୍ସବ ନୁହେଁ, ଏହା ଗ୍ରାମୀଣ ସାମାଜିକ ସମ୍ମିଳନର ଏକ ପ୍ରତୀକ । ୫୧ ବର୍ଷର ଏହି ପରମ୍ପରା,ଭକ୍ତି,ଏକତା ଓ ସାମୁଦାୟିକ ସହଭାଗିତାର ଅତିରେକ ପ୍ରବାହକୁ ପ୍ରକାଶ କରୁଛି । ଏହି ମେଳଣରେ ଶାନ୍ତି ଶୃଙ୍ଖଳା ବଜାୟ ରାଖିବା ପାଇଁ ଧାମନଗର ଥାନାଧ୍ୟକ୍ଷାରୀ ସୁଜିତ ଦାଶ ଏବଂ ପୂର୍ବତନ ଥାନା ଅଧିକାରୀ ରଞ୍ଜନ କୁମାର ସେଠୀଙ୍କ ତତ୍ତ୍ୱାବଧାନରେ ଥାନାର ଅନ୍ୟ ଅଧିକାରୀ ଓ ପୋଲିସ ଫୋର୍ସ ଉପସ୍ଥିତ ରହି ସୁରକ୍ଷା ପ୍ରଦାନ କରିଥିଲେ ।ପ୍ରକାଶ ଥାଉକି ଏହି ରଙ୍ଗ ଓ ଭାଈଚାରାର ପର୍ବ ହୋଲି ପାଳନ ବେଳେ ସୁପ୍ରିମକୋର୍ଟ ନିର୍ଦ୍ଦେଶକୁ 'ଫୁ' କରି ପାରମ୍ପରିକ ବାଦ୍ୟକୁ ଭୁଲି ଡିଜେ ଶବ୍ଦରେ ମେଳଣ ପଡିଆ ପ୍ରକମ୍ପିତ ହୋଇଥିଲା ।

ଭାଇଁସାଦାନି ଅପହଂଚ ଅଂଚଳକୁ ପୁନଃ ସରକାରୀ ବସ ଚଳାଚଳ ପାଇଁ ଦାବି

ବୋଡ଼େନ, ୮/୩ (ଆ.ପ୍ର) : ବୋଡ଼େନ ବ୍ଲକର ମାଓ ଅଂଚଳ ଭାବେ ପରିଚିତ ଭାଇଁସାଦାନି ଅଂଚଳକୁ ଏକ ସରକାରୀ ବସ ଦୀର୍ଘ ବର୍ଷ ହେଲା ଯିବା ଆସିବା କରି ଆସୁଥିଲା, ହେଲେ ଗତ ଦୁଇ - ତିନି ମାସ ହେବ ସରକାରୀ ବସ ଚଳାଚଳ କରିନଥିବାରୁ ଏ ଅଂଚଳର ପାଟଦରା , ଜାଟଫାର, କୋଟପିଆମ, ଭାଲୁସାଦାଟ, ଭାଇଁସାଦାନୀ, ଗୁଣ୍ଡି, କୋଟଗାଁ, ଧୋବେଲ, ରେଡ଼ାମାଳ, ପେଲନାପଡ଼ା, ସର୍ଗାଡ଼ିହି ପ୍ରଭୃତି ଗାଁର ଲୋକମାନେ ଯିବା ଆସିବା ନିର୍ଭର କରିଥାନ୍ତି । ଏହି ବସ ସେବା ବନ୍ଦ ହେବା ଦିନ ଠାରୁ ଲୋକେ ହଇରାଣ ହେଉଛନ୍ତି । ସୂଚନା ଥାଉ କି ନୂଆପଡ଼ା ଜିଲ୍ଲା ଦେଓ୍ୱାଲପୁର ଆଗରୁ ଝାରୀପାଲ ବେଲ ବୋଡ଼େନକୁ ଆସି ଏ ଠାରୁ ବନ ପାହାଡ଼ ଘେରା ଭାଇଁସାଦାନି ଗାଁରେ ରାତି ଗ୍ରହଣୀ କରିଆସୁଥିଲା ।ସେଠାରୁ ସକାଳ ସମୟରେ ବାହାରି ନୂଆପଡ଼ା ପଂଚାଟି ସେଠାରୁ ପୁଣି ସନ୍ଧ୍ୟା ସମୟରେ ଏକ ମାତ୍ର ବସ ଭାଇଁସାଦାନି ଠାରେ ପହଂଚି ରହିଆସୁଥିଲା । ବର୍ଗ ବର୍ଷ ହେଲା ଏଠାକୁ ବସ ଯ

ଶୁଭାରମ୍ଭ ଆରମ୍ଭ

SEITHO ARAMBHA

ସୋମବାର, ୯ ମାର୍ଚ୍ଚ, ୨୦୨୬ : ବାଲେଶ୍ୱର : ପୃଷ୍ଠା - ୩

ଉନ୍ମୋଚିତ ହେଲା ରାଧାଶ୍ୟାମ ରାଉଳଙ୍କ ବ୍ୟଙ୍ଗଗଳ୍ପ ପୁସ୍ତକ 'ଆପଣଙ୍କର ବିଶ୍ୱସ୍ତ'

ବାଲେଶ୍ୱର,୦୮/୦୩ (ଆ.ପ୍ର) : ପୁସ୍ତକ ପ୍ରକାଶନ ସଂସ୍ଥା 'ସ୍ୱାବଲମ୍ବନ' ଦ୍ୱାରା ପ୍ରକାଶିତ ବିଶିଷ୍ଟ ବ୍ୟଙ୍ଗରାଜିକ ଓ ଗଳ୍ପକାର ରାଧାଶ୍ୟାମ ରାଉଳଙ୍କ ପୁସ୍ତକ 'ଆପଣଙ୍କର ବିଶ୍ୱସ୍ତ'ର ଶୁଭ ଉନ୍ମୋଚନ ଉତ୍ସବ ଗତକାଲି ସନ୍ଧ୍ୟାରେ କଟକର କାଶୀପାଠ ଶ୍ରୀରାମଚନ୍ଦ୍ର ଭବନରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ବିଶିଷ୍ଟ ସାହିତ୍ୟିକ ଓ 'କଳାବିକାଶ କେନ୍ଦ୍ର'ର ସଭାପତି ଡକ୍ଟର ବିଜୟାନନ୍ଦ ସିଂହ ସଭାପତିତ୍ୱ କରିଥିଲେ । ଅହରହ ସମସ୍ୟା, ଜଞ୍ଜାଳ, ଅସହାୟତା ଭିତରେ ଯାହି ହେଉଥିବା ମଣିଷ ପଶରେ, ହସଟିଏ, ଆନନ୍ଦଟିଏ ସାଉଁଟିବା ପାଇଁ ବଡ଼ ଯୋଗ୍ୟତାର ଓ ଉପଲବ୍ଧି ହୋଇଛି ଆଜି କିଛି ନାହିଁ । ମଣିଷକୁ ସୁସ୍ଥ,ସତେଜ, ଚିନ୍ତାମୁକ୍ତ ରଖିବାର ମହୌଷଧ ହିଁ ବ୍ୟଙ୍ଗସାହିତ୍ୟ ଏବଂ ଏହି ବ୍ୟଙ୍ଗସାହିତ୍ୟର ଆବେଦନ ଅନନ୍ୟ, ମହିମା ଅବର୍ଣ୍ଣନୀୟ ବୋଲି ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ବରିଷ୍ଠ ସାମ୍ବାଦିକ ଡକ୍ଟର ରାଜାରାମ ଶତପଥୀ ନିଜର ସ୍ମୃତିଚାରିତ ଅଭିମତ ବ୍ୟକ୍ତ କରିଥିଲେ । ସଭାନାୟକ ଅତିଥି ଭାବେ ଯୋଗ ଦେଇ ବିଶିଷ୍ଟ ସାହିତ୍ୟିକ ଓ 'ଜଳବିଜୟ ସାହିତ୍ୟ ସମାଜ'ର ସଭାପତି ଡକ୍ଟର ଗୋବିନ୍ଦ ଚନ୍ଦ୍ର ଚାନ୍ଦ, 'ଆପଣଙ୍କର ବିଶ୍ୱସ୍ତ' ପୁସ୍ତକର ସଫାର୍ଥତା ପ୍ରତିପାଦନ କରିବାକୁ ଯାଇ କହିଲେ ଯେ, ଅନ୍ୟ କାହାର ନୁହେଁ, ବରଂ ବ୍ୟଙ୍ଗସାହିତ୍ୟର ଜଣେ ବିଶିଷ୍ଟ ଖୋଜି ଲେଖକ ରାଧାଶ୍ୟାମ ରାଉଳ । ମୁଖ୍ୟବକ୍ତା ବିଶିଷ୍ଟ ସାହିତ୍ୟିକ ଓ ଗେଲେକ୍ସୀ ବିଶ୍ୱ ବିଦ୍ୟାଳୟର ଓଡ଼ିଆ ଅଧ୍ୟାପକ, ଡକ୍ଟର ଜ୍ଞାନୀ ଦେବାଶିଷ ମିଶ୍ର ବ୍ୟଙ୍ଗସାହିତ୍ୟର ସାମ୍ପ୍ରତିକ ଧାରା, ଉପଧାରା ଓ ଗତି ସହ ଲେଖକ ଶ୍ରୀ ରାଉଳଙ୍କ ବ୍ୟଙ୍ଗଶୈଳୀ ସମ୍ପର୍କରେ କହିବାକୁ ଯାଇ ବ୍ୟଙ୍ଗ ଏକ ଶୁଦ୍ଧ ଓ ଶାଳୀନ ରଚନା,ଏହା ନିଛକ ସହାନୁଭୂତି, ସ୍ୱାଭିମାନ ଓ ସମ୍ବେଦନଶୀଳତାର ପ୍ରତୀକ ବୋଲି ନିଜର ମତବ୍ୟକ୍ତ କରିଥିଲେ । ବ୍ୟଙ୍ଗସାହିତ୍ୟର ଯୁବ ଗବେଷକ, ଓଡ଼ିଆ ଅଧ୍ୟାପକ ଡକ୍ଟର ନିରୋଚ କୁମାର ମନ୍ତ୍ରୀ ପୁସ୍ତକଟିର ପୁଙ୍ଖାନୁପୁଙ୍ଖ ଆଲୋଚନା କରିବା ସହ ଏହା ଏକ ସଫଳ ବ୍ୟଙ୍ଗଗଳ୍ପ ପୁସ୍ତକ ବୋଲି ନିଜର ମତବ୍ୟକ୍ତ କରିଥିଲେ । ସଭାପତୀୟ ଅଭିଭାଷଣରେ ବ୍ୟଙ୍ଗ ସାହିତ୍ୟ ଏକ ସୌଖୀନ ସାଧନା, ମହତ ଭାବନା ଏବଂ ଧୀଶକ୍ତିସମ୍ପନ୍ନ ବୁଦ୍ଧିଜୋଖ । ହାତେ ମାଟି ଚାଷଣ୍ଡେ ଚାଲିବାର ସନ୍ତର୍ପଣ କଳା ଓ ସନ୍ଦେଶ ସଂଚାରକାରୀ ସାଧନା ବୋଲି ଡକ୍ଟର ବିଜୟାନନ୍ଦ ସିଂହ ନିଜର ମୂଲ୍ୟାଙ୍କନ ମତବ୍ୟକ୍ତ କରିଥିଲେ । କବୟିତ୍ରୀ ବିଶ୍ୱମିତ୍ରା ମିଶ୍ର ଅତିଥିମାନଙ୍କୁ ମଂଚ ଆମନ୍ତ୍ରଣ କରିଥିଲେ । ସାହିତ୍ୟିକ ସରୋଜ କୁମାର ସାମଲ ଅତିଥି ପରିଚୟ ପ୍ରଦାନ ଓ ପୁସ୍ତକ ପ୍ରକାଶକ ସନ୍ତୋଷ କୁମାର ଦାଗିଲ ଧନ୍ୟବାଦ ପ୍ରଦାନ କରିଥିଲେ । ଉତ୍ସବରେ ଡକ୍ଟର ନାରାୟଣ ଚନ୍ଦ୍ର ମହାନ୍ତି, ନବକିଶୋର ଦାସ, ସଜଳ ଶର୍ମା, ଜ୍ଞାନ ହୋତା,ଶରତ କୁମାର ନାୟକ, ବିଭିନ୍ନବିହାରୀ ରାଉତ, ଡକ୍ଟର କିଶୋର ଚନ୍ଦ୍ର ମହାନ୍ତି, ରବିନାରାୟଣ ଦାଶ, ଶଶିକାନ୍ତ ରାଉତ, ଅରବିନ୍ଦ ରାଉତରାୟ, ପ୍ରାଧ୍ୟାପକ ଆଦିତ୍ୟପ୍ରସାଦ ଚନ୍ଦ, ଜଂ ସୌରାଂଶୁ ପଟ୍ଟନାୟକ, ଓମ୍ ଅଭିଜ୍ଞାନ ସାହୁ, ଶିବାଶିଷ କର,ସୁମୁଁତା ରଥ, ଡକ୍ଟର ବୈକୁଣ୍ଠନାଥ ମିଶ୍ର,ସ୍ମୃତି ପଟ୍ଟନାୟକ, ବବିତା ଦାସ ମହାପାତ୍ର, କୃଷ୍ଣଚନ୍ଦ୍ର ପଣ୍ଡା, ସରୋଜିନୀ ମିଶ୍ର, ବିଜୟଲକ୍ଷ୍ମୀ ନାୟକ, ନମିତା ମହାନ୍ତି, ଅରୁଣ ଅଗ୍ରୱାଲ, ଅଦୈତ୍ୟ ନାୟକ, ଅନୁପମା ନନ୍ଦ, ହର୍ଷମନି ନାୟକ, କୟଶଙ୍କର ମହାଣଣ୍ଡା, ବେଦଜ୍ୟୋତି ଦାସ, ଶରତ ଚନ୍ଦ୍ର ମହାନ୍ତି, ନରେନ୍ଦ୍ର ପ୍ରସାଦ ମହାପାତ୍ର, ବିଶ୍ୱଜିତ ଦାସ, ତପନ କୁମାର ଜେନା,ମାନସ ରଞ୍ଜନ ପଟ୍ଟନାୟକ, ସାରଦା ପ୍ରସାଦ ଷଡ଼ଙ୍ଗୀ, ସୁରଥ କୁମାର ଗାଇଗୀରିଆ, ସଞ୍ଜୟ କୁମାର ବେଓ,ନାରାୟଣ ସାହୁ, ସୁଶାନ୍ତ କୁମାର ସାହୁ, ବୋଳଗୋବିନ୍ଦ ବେହେରା, ଭମାଳାନ୍ତ ପୁଜାରୀ, ମାନୀ ସାହୁ ପ୍ରମୁଖ ବହୁ ବିଶିଷ୍ଟ ଓ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ ।

କୁଳଡିହା ବନବିଭାଗର ସଚେତନତା ଗଣଦୌଡ଼

ନୀଳଗିରି, ୦୮/୦୩ (ଆ.ପ୍ର) : ଜଙ୍ଗଲକୁ ନିଆଁରାଉଣୁ ସୁରକ୍ଷାଦେବା ପାଇଁ ଏକ ସଚେତନତା ଗଣଦୌଡ଼ କାର୍ଯ୍ୟକ୍ରମ ନୀଳଗିରି କୁଳଡ଼ିହା ବନବିଭାଗ ପକ୍ଷରୁ ଆୟୋଜିତ ହୋଇଯାଇଛି । ଏହି ଗଣଦୌଡ଼ କଳାଜାବ ଛକଠାରୁ ଆରମ୍ଭହୋଇ କୁଳଡ଼ିହା ବାଲିଆଳାଳ ଗେଟ୍ ପର୍ଯ୍ୟନ୍ତ ହୋଇଥିଲା । ଭିତ୍ତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ନୀଳଗିରି ବିଧାୟକ ସନ୍ତୋଷ କୁମାର ଖଣ୍ଡୁଆ ଯୋଗଦେଇ ଫିତାକାଟି କାର୍ଯ୍ୟକ୍ରମର ଶୁଭାରମ୍ଭ କରିବା ସହିତ ଏହି ଗଣଦୌଡ଼ରେ ସାମିଲ ହୋଇଥିଲେ । ଦୀର୍ଘ ୧୦କିଲୋମିଟର କ୍ୟାପି ଏହି ଗଣଦୌଡ଼ରେ ଶହେ ପାଖାପାଖି ଜନସାଧାରଣ ଓ ଜଲଜଳଛାତ୍ର ଛାତ୍ରଛାତ୍ରୀଏଥିବା ବେଳେ ଜଙ୍ଗଲକୁ ନିଆଁ ଦାଲୁଣୁ ରକ୍ଷାକରିବା ପାଇଁ ସଚେତନତା ବାର୍ତ୍ତା ଦେଇଥିଲେ । ପରେ ସମସ୍ତ ଜନସାଧାରଣ ବାଲିଆଳାଳ ଗେଟ୍ ପାରେ ପହଂଚିବା ପରେ ଏକସଭାର ଆୟୋଜନ କରାଯାଇଥିଲା । ଏଥିରେ ନୀଳଗିରି ଉପଜିଲ୍ଲାପାଳ ଶୁଭଶ୍ରୀ ରଥ, ବରଷମପୁର ଆଇଆଇସି ପ୍ରେମଦା ନାୟକ, କୁଳଡ଼ିହା ରେଞ୍ଜର ସୁବ୍ରତ ବେହେରା, ପରିବେଶବିତ୍ ପ୍ରକାଶ ମଲ୍ଲିରାଜ ଉପସ୍ଥିତରହି ଆଗାମୀ ଗ୍ରୀଷ୍ମଋତୁକୁ ଅଗ୍ରିଆଗରେ ରଖି ନିଆଁରାଉଣୁ ଜଙ୍ଗଲକୁ ସୁରକ୍ଷାପ୍ରଦାନ କଲେ ଜୀବଜନ୍ତୁ ସୁରକ୍ଷା ସହ ପରିବେଶ ପ୍ରଦୂଷଣରୁ ମୁକ୍ତହୋଇ ଏକ ସୁସ୍ଥସମାଜ ଗଠନ ହୋଇପାରିବ ବୋଲି ଅଭିଳାଷର ରଖିଥିଲେ । ଗଣଦୌଡ଼ରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ଯୁବକଙ୍କୁ ୫ହଜାର ଟଙ୍କା, ୩ହଜାରଟଙ୍କା ଓ ୨ହଜାର ଟଙ୍କା ସହିତ ମାନପତ୍ର ଓ ଟ୍ରଫି ପ୍ରଦାନ କରାଯାଇଥିଲା । ଏହି ଦୌଡ଼ରେ ସରଗ କୁଲ୍ ପୁରୁଷୋତମପୁର ଅଂଚଳର ସିଦ୍ଧାର୍ଥ ଗୌତମ ଜେନା ପ୍ରଥମ, ସୂର୍ଯ୍ୟକାନ୍ତପୁର ଅଂଚଳର ସତ୍ୟପ୍ରକାଶ ଝେଟୀ ଦ୍ୱିତୀୟସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲେ । ତେବେ ଏହି ଗଣଦୌଡ଼ କାର୍ଯ୍ୟକ୍ରମରେ କୁଳଡ଼ିହା ବନବିଭାଗର ସମସ୍ତ ଅଧିକାରୀ ଓ କର୍ମଚାରୀ ପ୍ରମୁଖ ଉପସ୍ଥିତଥିଲେ ।

ଉତ୍କଳ ମହିଳା ସମିତି ପକ୍ଷରୁ ଆନ୍ତର୍ଜାତିକ ମହିଳା ଦିବସ ପାଳିତ



ବାଲେଶ୍ୱର, ୦୮/୦୩ (ଆ.ପ୍ର) : ଆନ୍ତର୍ଜାତିକ ମହିଳା ଦିବସ ଅବସରରେ 'ଉତ୍କଳ ମହିଳା ସମିତି'ର ବାଲେଶ୍ୱର ଜିଲ୍ଲା ଶାଖା ପକ୍ଷରୁ 'ମଧ୍ୟ ପ୍ରାଚ୍ୟରେ ଯୁଦ୍ଧର ବିଭୀଷିକା ଓ ଆମ ଦେଶର ମହିଳାମାନଙ୍କ ଉପରେ ଏହାର ପ୍ରଭାବ' ଶୀର୍ଷକରେ ଏକ ଆଲୋଚନାଚକ୍ର ଉଦ୍ଯାପନ ସେତନ କର୍ମଚାରୀ ଭବନରେ ରବିବାର ଦିନ ଅନୁଷ୍ଠିତ ହୋଇଯାଇଛି । ଉତ୍କଳ ମହିଳା ସମିତି ସଭାନେତ୍ରୀ ବନ୍ଦନା ବିଶ୍ୱାସ ଏହି ଆଲୋଚନାଚକ୍ରରେ ଅଧ୍ୟକ୍ଷତା କରିଥିଲେ । ଆଲୋଚକ ଭାବେ ଗୌରୀଶାଣୀ ଉପାଧ୍ୟାୟ, ପ୍ରଜ୍ଞା ପାରମିତା ବିଶ୍ୱାଳ, ଭର୍ମିଳା ମାଝୀ, ସିପିଆଇ ଜିଲ୍ଲା ସଂପାଦକ ଭାଗବତ ପ୍ରତିହାରୀ, ଶ୍ରମିକ ନେତା ଗୌରାଙ୍ଗ ପାଣିଗ୍ରାହୀ ଓ କୃଷକନେତା ବୈଲୋଚନ ଜେନା ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରି ମଧ୍ୟପ୍ରାଚ୍ୟରେ ଯୁଦ୍ଧର ପରିଣାମ ସ୍ୱରୂପ ଭାରତବର୍ଷରେ ଜାଳେଣି ଗ୍ୟାସର ବରବୃଦ୍ଧି ଘଟିବା ଫଳରେ ଗୃହିଣୀମାନେ ଅର୍ଥନୈତିକ ଚାପର ସମ୍ମୁଖୀନ ହୋଇଥିବାର ଦୃଷ୍ଟାନ୍ତ ଦେଇଥିଲେ । ପୁନଶ୍ଚ ପେଟ୍ରୋଲ୍ ଓ ଜିନିଷର ବରବୃଦ୍ଧି ଘଟିଲେ ସମସ୍ତ ନିତ୍ୟ ବ୍ୟବହାର୍ଯ୍ୟ ପଦାର୍ଥର ବରବୃଦ୍ଧି ଘଟିବାର ଆଶଙ୍କା ରହିଛି । ବରବୃଦ୍ଧି ହେଲେ ବିଶେଷ ଭାବେ ମହିଳାମାନେ ପରିବାର ପରିଚାଳନାରେ ଆର୍ଥିକ ଚାପର ସମ୍ମୁଖୀନ ହୁଅନ୍ତି ବୋଲି ବକ୍ତାମାନେ କହିଥିଲେ । ମୁଖ୍ୟଅତିଥି ଭାବେ ରାଜ୍ୟ କମିଟିର ବରିଷ୍ଠ ଉପଦେଷ୍ଟା ବନଲତା ଜେନା କହିଲେ ଯେ, କୌଶସି ଦେଶର ସାଧାରଣ ନାଗରିକ ଯୁଦ୍ଧ ଚାହେଁନାହିଁ । କେବଳ ସାମ୍ରାଜ୍ୟବାଦୀ ଓ ଅହଂକାରୀ ଶାସକମାନେ ଯୁଦ୍ଧର ପରିସ୍ଥିତି ସୃଷ୍ଟି କରାନ୍ତି । ଆମେରିକାର ସାଧାରଣ ଜନତା ଯୁଦ୍ଧଖୋର ଟ୍ରମ୍ପଙ୍କ ବିରୋଧରେ ସ୍ୱର ଉତ୍ତୋଳନ କରୁଛନ୍ତି । ବିଶ୍ୱିନ୍ଦୁ ଦେଶର ସାଧାରଣ ନାଗରିକ ଚାଉରାସ୍ତାରେ ଏହି ଯୁଦ୍ଧଖୋର ଆମେରିକା ଓ ଇସ୍ରାଏଲ୍ ବିରୋଧରେ ପ୍ରତିବାଦ କରୁଛନ୍ତି । ଆମ ଦେଶର ତୁଟିପୂର୍ଣ୍ଣ ବୈଦେଶିକ ନୀତି ଯୋଗୁଁ ଆମେରିକା ପାଖରେ ଆମ ଦେଶର ପ୍ରଧାନମନ୍ତ୍ରୀ ମଧ୍ୟସ୍ଥତା କରିଚାଲିଛନ୍ତି । ପୁରାଣ କାଳରୁ ଓ ପରାଧୀନ କାଳରୁ ମୁକ୍ତି ସଂଗ୍ରାମରେ ବହୁ ନାରୀ ନିଜର ପାରଦର୍ଶିତା ପ୍ରଦର୍ଶନ କରିଥିଲେ । ମହିଳାମାନେ ଐକ୍ୟବଦ୍ଧ ହୋଇ ସମ୍ବିଧାନ ପ୍ରଦତ୍ତ ନିଜର ଅଧିକାର ପାଇଁ ସଂଗ୍ରାମ କରିବାକୁ ଶ୍ରୀମତୀ ଜେନା ଆହ୍ୱାନ ଦେଇଥିଲେ । ବନିତାରାଣୀ ଜେନା ମଞ୍ଚକୁ ଅତିଥିମାନଙ୍କୁ ସ୍ୱାଗତ ଜଣାଇଥିଲେ । ସୁଜାତା ପାତ୍ର ସ୍ୱାଗତ ସଙ୍ଗୀତ ଗାନ କରିଥିଲେ । କ୍ରିଷ୍ଣା ସା ଉପସ୍ଥିତମାନଙ୍କୁ ଧନ୍ୟବାଦ ଦେଇଥିଲେ । କାର୍ଯ୍ୟକ୍ରମ ପରିଚାଳନାରେ ଯତୀନ୍ ପାତ୍ର, ଶରତ ଚନ୍ଦ୍ର ଦଳାଇ, ମାମିନା ମିଶ୍ର, ସୁହାଗୀ ମାଝୀ ପ୍ରମୁଖ ସହଯୋଗ କରିଥିଲେ । ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ ଶତାଧିକ ମହିଳା ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ ।

ନେସ୍କୋ/ଟିପିଏନ୍‌ଓଡିଏଲ୍‌ର ପିଏଫ୍ / ପେନସନ୍ ଟ୍ରଷ୍ଟ ବୋର୍ଡ଼ ନିର୍ବାଚନରେ ନେସ୍କୋ ପାଖ୍ୱାର ଏମ୍ପ୍ଲୟିଜ ୟୁନିଅନ ବିପୁଳ ଭୋଟରେ ବିଜୟୀ



ବାଲେଶ୍ୱର, ୦୮/୦୩ (ଆ.ପ୍ର) : ନେସ୍କୋ/ଟିପିଏନ୍‌ଓଡିଏଲ୍ ପ୍ରଭିଡେଣ୍ଟ ଫଣ୍ଡ ଓ ପେନସନ ଫଣ୍ଡ ନିମନ୍ତେ ଗତ ମାର୍ଚ୍ଚ ୬ ତାରିଖ ଦିନ କର୍ମଚାରୀମାନଙ୍କ ଦ୍ୱାରା ଟ୍ରଷ୍ଟବୋର୍ଡ଼ ନିମନ୍ତେ ଦୁଇ ଜଣ ସଦସ୍ୟ ପାଇଁ ନିର୍ବାଚନ ଅନୁଷ୍ଠିତ ହୋଇଥିଲା । ଏହି ନିର୍ବାଚନରେ ମୋଟ ଆଠ ଜଣ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରିଥିଲେ । ସେଥିମଧ୍ୟରୁ ନେସ୍କୋ ପାଖ୍ୱାର ଏମ୍ପ୍ଲୟିଜ ୟୁନିଅନର ପ୍ରାର୍ଥୀ ଶ୍ରୀ ଦେବାଶିଷ ପଣ୍ଡା ଏବଂ ସମର୍ଥିତ ପ୍ରାର୍ଥୀ ଶ୍ରୀ ସନ୍ତୋଷ କୁମାର ଅପଷ୍ଟି ବିପୁଳ ଭୋଟ୍‌ରେ ବିଜୟ ଲାଭ କରିଛନ୍ତି । ଏଣୁ ଟିପିଏନ୍‌ଓଡିଏଲ୍‌ର ସମସ୍ତ ଅଫିସର ଏବଂ କର୍ମଚାରୀମାନଙ୍କୁ ନେସ୍କୋ ପାଖ୍ୱାର ଏମ୍ପ୍ଲୟିଜ ୟୁନିୟନ୍ / ନେସ୍କୋ ପାଲନାନ୍ଦ୍ ଏମ୍ପ୍ଲୟିଜ ଏସୋସିଏସନ୍ ଏବଂ ନେସ୍କୋ ପାଖ୍ୱାର ଇଞ୍ଜିନିୟରସ ଏସୋସିଏନ୍ ତରଫରୁ ଅନେକ ଅନେକ ଶୁଭେଚ୍ଛା ଏବଂ ଧନ୍ୟବାଦ ଜଣେଇବା ସହିତ ପ୍ରଭିଡେଣ୍ଟ ଫଣ୍ଡ, ଗ୍ରାଚ୍ୟୁଇଟି ଫଣ୍ଡ, ରିହାବିଲିଟେସନ୍ ଫଣ୍ଡର ସଠିକ ସୁରକ୍ଷା ଏବଂ ଆଗାମୀ ଦିନରେ ଡିଜିଟାଲାଇଜେସନ ଏବଂ ବୟସ୍କ ଅବସରପ୍ରାପ୍ତ କର୍ମଚାରୀମାନଙ୍କ ପାଇଁ ବାୟୋମେଟ୍ରିକ୍ ପ୍ରଣାଳୀରେ ଲାଇଫ୍ ସାର୍ଟିଫିକେଟ୍ ପ୍ରଦାନ ନିମନ୍ତେ ଦୁଇ ବିଜୟୀ ପ୍ରାର୍ଥୀ ମତବ୍ୟକ୍ତ କରିଛନ୍ତି । ଏଥିସହିତ ଦୁଇ ବିଜୟୀ ସଦସ୍ୟଙ୍କୁ ନେସ୍କୋ ପାଖ୍ୱାର ଏମ୍ପ୍ଲୟିଜ୍ ୟୁନିଅନ ସଭାଗୃହରେ ଏକ ସମ୍ବର୍ଦ୍ଧନା ସଭାର ଆୟୋଜନ କରାଯାଇଥିଲା । ଉକ୍ତ ସଭାରେ ଅଧ୍ୟକ୍ଷ ଜଗଦୀଶ ଚନ୍ଦ୍ର ବେହେରା ଏବଂ ଦୁଇଜଣ ଆବାହକ ପଙ୍କଜ କୁମାର ଜେନା, ସପନ କୁମାର ଦାସ ଏବଂ ସାଥୀ ସଦସ୍ୟ ରବୀନ୍ଦ୍ର ନାଥ ବେରା, ଅକ୍ଷୟ କୁମାର ଜେନା, ଭରତ ଚନ୍ଦ୍ର ସେଠୀ, ସତ୍ୟନାରାୟଣ ବେହେରା, ତପନ କୁମାର ବେହେରା, ଅର୍ଜିବନ୍ଧୁ ବିଶ୍ୱାଳ, ଆଶିଷ ଜେନା, ରମାକାନ୍ତ ନାୟକ, ରାମ ଚନ୍ଦ୍ର ଶାସମଲ, ଭମାକାନ୍ତ ପଢ଼ିଆରି, କମଳ ଲୋଚନ ସାହୁ, ଶିଶିର ଦାସ, ସଂଜୀବ ଗିରି, ହରିଶଙ୍କର ଦାସ, ଦେବାଶିଷ ଗୋସ୍ୱାମୀ, ପ୍ରଦୀପ ଜେନା, ରାମକୃଷ୍ଣ ପାତ୍ର, ସୁଶାନ୍ତ ନାୟକ, ନରେଶ ନାୟକ, ଅଞ୍ଜନ ମହାପାତ୍ର, ଜୀମାକାନ୍ତ ବେହେରା, ଅରୁଣ ପାଣ, ସୁମନ୍ତ ଖୁଣ୍ଟିଆ, ତଳମଳ ହୁସେନ, ବିଜନ ବେହେରା, ନିମାଇ ପରିଡ଼ା, ଦେବକଲ୍ୟାଣ ମହାନ୍ତି, ଗରନ ଘଡ଼ାଇ, ସଞ୍ଜୟ ବାରିକ, ମନୟ ସା, ଘନଶ୍ୟାମ ରାଉତ, ସଞ୍ଜୟ ସ, ନିଳେନ୍ଦୁ ଖଣ୍ଡା, ସଞ୍ଜୟ ଦେ, ଅଶ୍ରିଷ ପାଢ଼ୀ ଏବଂ ଶତାଧିକ ସଦସ୍ୟ ଏହି ବିଜୟ ଉତ୍ସବରେ ଯୋଗଦାନ ଓ ସହଯୋଗ କରିଥିଲେ ।

ନକଲି ଖାଦ୍ୟ ନିରୀକ୍ଷକକୁ ଧରି ପୋଲିସ ଜିମାଦେଲେ କମିଟି

ସିମୁଳିଆ, ୦୮/୦୩ (ଆ.ପ୍ର) : -ନିଜକୁ ଖାଦ୍ୟ ନିରୀକ୍ଷକ କହି ଅଞ୍ଚଳରେ ପରିଚୟ ଯୁବକ । ଗତ ମଧ୍ୟମ ଖାଉ ପୋଲିସ ଜିମାରେ ଥିବା ଜଣାଯାଇଛି । ସୂଚନାରୁ ପ୍ରକାଶ ସିମୁଳିଆ ଥାନା ଅନ୍ତର୍ଗତ ଗୁଣ୍ଡା ପଂଚାୟତର ହୋଲି ଉପଲକ୍ଷେ ଧୋବଗଡିଆଠାରେ ମେଳର ପର୍ବ ଚାଲିଥିବା ବେଳେ ଶାଉଲୋଣା ପଂଚାୟତର ଜୈନିକ ଯୁବକ ନିଜକୁ ଖାଦ୍ୟ ନିରୀକ୍ଷକ ଦର୍ଶାଇ ଖାଦ୍ୟ ବୋଝାକ ଗୋଡ଼ିକୁ ନିରୀକ୍ଷଣ କରିବା ସହ ସେମାନଙ୍କ ଖାଦ୍ୟକୁ ନଷ୍ଟ କରି ଦେଇଥିଲେ । ଏ ସଂକ୍ରାନ୍ତରେ ଦୋକାନୀ ମେଳଣ କମିଟିକୁ ଜଣାଇବା ପରେ କମିଟି ପକ୍ଷରୁ ଛାନଲିନ କରିବା ପରେ ନକଲି ଖାଦ୍ୟ ନିରୀକ୍ଷକ ଜାଣିବାକୁ ପାଇ ପୋଲିସକୁ ଖବର ଦେଇଥିଲେ । ଖବର ପାଇ ପୋଲିସ ଘଟଣା ସ୍ଥଳରେ ପହଂଚି ଯୁବକକୁ ଥାନାକୁ ଆଣି ଅଧିକ ତଦନ୍ତ କରୁଥିବା ଜଣାଯାଇଛି । ପୋଲିସ ତଦନ୍ତରେ ପାଗଳ ଜାଣିବା ପରେ ତାଙ୍କ ପରିବାରକୁ ହସ୍ତାନ୍ତର କରିଛି ।

ସିମୁଳିଆ ତହସିଲରେ ନୂତନ ତହସିଲଦାରଙ୍କ କାର୍ଯ୍ୟରେ ଯୋଗଦାନ



ସିମୁଳିଆ, ୦୮/୦୩ ସିମୁଳିଆ ତହସିଲରେ ସୌମ୍ୟରଞ୍ଜନ ମହାପାତ୍ର ଯୋଗଦାନ କରିଛନ୍ତି । ଦୀର୍ଘ ୮ମାସରୁ ଊର୍ଦ୍ଧ୍ୱ ନ ଥିଲେ । ସିମୁଳିଆର ନିତ୍ୟାନନ୍ଦ ସେଠି ତହସିଲଦାର କାର୍ଯ୍ୟ ସମ୍ପାଦନ କରୁଥିଲେ । ନୂତନ ତହସିଲଦାର ଶ୍ରୀ ମହାପାତ୍ର ବାଙ୍କିରେ ଜେମ୍ପୁରି କଲେଜର ଭାବେ କାର୍ଯ୍ୟ ତୁଲାଇ ଥିଲେ । ତାଙ୍କ କାର୍ଯ୍ୟ ଯୋଗଦାନ ପରେ ସିମୁଳିଆ ଅଂଚଳରେ ଖୁସିର ଲହରୀ ଖେଳିଯାଇଛି ।

(ଆ.ପ୍ର) : ଶନିବାର ଦିନ ନୂତନ ତହସିଲଦାର ତାଙ୍କ କାର୍ଯ୍ୟରେ ସିମୁଳିଆ ତହସିଲରେ ହେବ ସ୍ଥାୟୀ ତହସିଲଦାର ଅତିରିକ୍ତ ତହସିଲଦାର

ଆନ୍ତର୍ଜାତୀୟ ମହିଳା ଦିବସ ବିଭିନ୍ନ ଶ୍ରମିକ ସଂଗଠନ ଦ୍ୱାରା ମିଳିତ ଭାବେ ଅନୁଷ୍ଠିତ

ନୀଳଗିରି, ୦୮/୦୩ (ଆ.ପ୍ର) : ଦେଶର ସାର୍ବଭୌମତା ରକ୍ଷା କରିବା, ଜିଲ୍ଲା ବୈଷମ୍ୟ ଦୂର କର, ଜୀବନ ଜୀବିକା ଉପରେ ଆକ୍ରମଣ ବନ୍ଦ କର ଏବଂ ବିଜ୍ଞ ବ୍ୟବସ୍ଥା ପାଇଁ ସଂଗ୍ରାମ ବାବିରେ ଆଜି ପୂର୍ବାହ୍ନ ୧୧ଘଟିକା ରେ ନୂତାନ୍ଦ୍ରା ସ୍ଥିତ ରାଧାରମଣ ଷଡଙ୍ଗୀ ହଲ ରେ ଆନ୍ତର୍ଜାତୀୟ ମହିଳା ଦିବସ, ସିଆଇଟିୟୁ, ଗଣତାନ୍ତ୍ରିକ ମହିଳା ସମିତି, କିଷାନ ସଭା, କ୍ଷେତମଜଦୁର ୟୁନିଅନ, ଏସ ଏଫ ଆଇ ତରଫରୁ ମିଳିତ ଭାବେ ଅନୁଷ୍ଠିତ ହୋଇ ଯାଇଛି । ନାରୀନେତ୍ରୀ ଜଶୋଣୀ ଷଡଙ୍ଗୀ ଅଧ୍ୟକ୍ଷତାରେ ଏହି ସଭା ସଂଗଠିତ ହୋଇଥିଲା । ଏହି ଆଲୋଚନା ସଭାରେ ନାରୀ ନେତ୍ରୀ ତଥା ସାହିତ୍ୟିକା ପ୍ରଜ୍ଞା ପାରମିତା ବିଶ୍ୱାଳ ମୁଖ୍ୟ ବକ୍ତା ଭାବେ ଯୋଗ ଦେଇ କହିଥିଲେ କି,ନାରୀ ମାନେ ଅବଳା ନୁହଁନ୍ତି । ମାତ୍ର ଆଜିର ସମୟରେ ମହିଳା ମାନେ ଅନେକ ଆରରେ ଅଛନ୍ତି । ବିକାଶ ନାଁରେ ଆକ୍ରମଣ ମଧ୍ୟ ବଢିଚାଲିଛି । ସ୍ୱାଧୀନତାର ୭୫ବର୍ଷ ପରେ ମଧ୍ୟ ନାରୀମାନେ ଆଜି ସୁରକ୍ଷିତ କୁଟୁମ୍ବି । କର୍ମକ୍ଷେତ୍ର ପାରୁ ଆରମ୍ଭ କରି ଘର ଭିତରେ ମଧ୍ୟ ମହିଳାଙ୍କ ଉପରେ ଆକ୍ରମଣ ଓ ଅତ୍ୟାଚାର ବଢିଚାଲିଛି ବୋଲି ଶ୍ରୀମତୀ ବିଶ୍ୱାଳ ମତ ରଖିଥିଲେ । ନାରୀ ନିର୍ଯାତନା, କ୍ଷୁଣ ହତ୍ୟା ଭଳି ଜୁଗୁପ୍ସିତ ବିରୁଦ୍ଧରେ ମହିଳା /ପୁରୁଷ ଏକାଠି ହୋଇ ଲଢେଇ କରିବା ପାଇଁ ଆହ୍ୱାନ ଦେଇଥିଲେ । ଅନ୍

ସାପ୍ତାହିକ
ଆରମ୍ଭ
SEITHO ARAMBHA
ସୋମବାର, ୯ ମାର୍ଚ୍ଚ, ୨୦୨୬ : ବାଲେଶ୍ୱର : ପୃଷ୍ଠା -୪

ଅନ୍ୟକୁ ଦୁଃଖ ଦେଇ ଯେଉଁ ସୁଖ ଲାଭ କରାଯାଏ, ସେ ସୁଖ ଆଦୌ ଲୋଡ଼ା ନୁହେଁ
- ବୁଦ୍ଧଦେବ

ସମ୍ପାଦକୀୟ...

ହଯିଯାଉଛି

ପରମ୍ପରାକୁ ନେଇ ଦ୍ୱନ୍ଦ୍ୱ । କାଟିଦିଏ କେଜାଣି ମାନବ ସମାଜ ପାଶ୍ଚାତ୍ୟ ସଭ୍ୟତାର ବାହିଦେଇ ଠିକ୍ ଭୁଲ୍ ନିରୂପଣ କରି ମଧ୍ୟ ସେଥିରୁ ବିଚ୍ୟୁତ ହେବାର ଲକ୍ଷଣ ଦେଖାଯାଏ । ଗ୍ରାମୀଣ ଚଳଣୀ, ସଂସ୍କୃତି ଓ ପରମ୍ପରା ସବୁ କେମିତି ଗୋଟେ ଅଦୃଶ୍ୟ ବାଡ଼ୀ ଦିଇଣ୍ଡିକରେ ଗୁଡମାର ହେଇଯାଉଛନ୍ତି । ଧୋଇ ଯାଉଛି ଗ୍ରାମୀଣ ଭାଇଚାରା ସମ୍ପର୍କ । ବ୍ୟସ୍ତ ବହୁଳ ଜୀବନର ବୋଝ ନା ଆଉବିଛି ? ଭାଇଚାରା ସମ୍ପର୍କର ଅବନତି ଓ ବୃଦ୍ଧ ପ୍ରତ୍ୟେକ ଗ୍ରାମର ଏକ ବିଷମ ସମସ୍ୟା ହୋଇ ଛିଡ଼ା ହୋଇଛି । ଗ୍ରାମୀଣ ବାତାବରଣରେ ସହରୀ ଛାଣ୍ଟ ବାଜୁଛି । ଏହା ପ୍ରଗତିର ମାୟା ହୋଇପାରେ ସତ କିନ୍ତୁ ଗ୍ରାମୀଣ ବସ୍ତି ସ୍ଥାପନ ଲେଖଁ ଆଦିମ କାଳରୁ ଅଛେ । ତଥାପି ଭିନ୍ନ ଭିନ୍ନ ପର୍ବ, ଉତ୍ସବ, ମେଳନ, ଯାତରା, ଲୋକାଦି ଯେପରି ଗୋଡ଼ା ନାଚ, ବାଘନାଚିଆ, ପାଲା, ଚଢ଼େଇ ଚଢ଼େଇୟା ନାଚ, ନାଗା ନାଚ, ଇତ୍ୟାଦି ବିଭିନ୍ନ ଉତ୍ସବର ଲୋକକଳା ଅଦୃଶ୍ୟ ହୋଇଗଲାଣି ଯାହା ଗ୍ରାମୀଣ ସଭ୍ୟତାକୁ ଉପୁଡ଼ି ଥିଲା । ଏଇଟି ବସି ଲୁଡ୍, ତାସ, ପଶା ପାଲି ସଂଧ୍ୟା ପ୍ରହର ଠାରୁ ଲାଗଉଥଉର ପିଣ୍ଡା କିମ୍ବା କୋଠ ଚାଉଁଦୀ ମାନଙ୍କରେ ଖେଳ ହେବାର ଦୃଶ୍ୟ ବିଲୁପ୍ତ । ପୁଣି ଲୁକସେରେ, ସ୍ୱାଲସେରେ ରାତ୍ରରେ ଯାତରା ଶିଖିବା, ତ୍ରାମ ଶିଖିବା ଏବଂ ଲାଗଉଥ ଘରେ ଭାଗବତ ପଢ଼ା ଇତ୍ୟାଦିରେ ଗ୍ରାମୀଣ ଲୋକମାନେ ଗଭିର ଅଂଶ ଗ୍ରହଣ କରୁଥିଲେ ଯାହା ଏକ ପ୍ରାଣାୟମ ସଦୃଶ ଥିଲା । କଥାରେ ଅଛି ଯେପରିକେ ପ୍ରକାରେ ମନ ଆନନ୍ଦ ରହିଲେ, ଶରୀର ସୁସ୍ଥ ରହେ । ଏଭଳି ସଟଶୀସୁଡ଼ିକ ଗ୍ରାମୀଣ ସଂସ୍କୃତିର ବାହାଁ ବହନ କରୁଥିଲା । ସମୟ ଥିଲା ରଜପର୍ବ, ଜୁମାର ଉତ୍ସବ ବେଳେ ଝିଅଝିଲାମାନେ ସଜହୋଇ ଏକତ୍ର ଭାବେ ଖେଳିବା, ବୁଲିବା, ହସଖୁସିହେବା, ପୁଣି ସାହି ପଡ଼ିଶାରେ ପ୍ରତ୍ୟେକଙ୍କ ଘରେ ଖାଏ, ପାନୀୟ, ସାଥୀ ହୋଇ ଗୁମଣ କରି ନିଜ ନିଜ ମନକୁ ଖୁସି ରଖିପାରୁଥିଲେ । ପୁଅଝିଲାମାନଙ୍କ କବାଡ଼ି, ଚୋର-ପୁଲିସ ଇତ୍ୟାଦି ଅନେକ ପ୍ରକାର ଖେଳକୁଦ କରି ନିଜ ଶରୀରକୁ ସୁସ୍ଥ ରଖିପାରୁଥିଲେ । କିନ୍ତୁ ବର୍ତ୍ତମାନ ପରିସ୍ଥିତିରେ ସମୟ ସହ ପାଦଆଡି ଚାଲିବାର ଅଛି । ସହରୀ ସଭ୍ୟତା ଗ୍ରାମାଞ୍ଚଳମୁଖୀ ହୋଇଛି । ପର ଆପଣା ଭେଦଭାବ ଆସିଛି । ଆଜି ପୁରୁଣ ଅର୍ଥ ଥାଲ ମଧ୍ୟ ଗ୍ରାମୀଣ ପୂଜା ବଜାଇ ରଖିବାର ମନଦ୍ୱନ୍ଦ ନାହିଁ । ମୋର, ଆମର ଲଜ୍ଜାବରଣ କରି ଆମେ ସମସ୍ତେ ଏଠି ବାସ୍ତ । ଗ୍ରାମୀଣ ପରିମଳ ବ୍ୟବସ୍ଥାରେ ଉନ୍ନତି ଆସିଛି । ବିଦ୍ୟୁତ୍ ଆଲୋକରେ ଗ୍ରାମର ରାସ୍ତା ଝଟକୁଛି । ବିଭିନ୍ନ ପ୍ରକାର ସରକାରୀ ସେବା ଯୋଗାଇ ଦିଆଗଲାଣି । ଗ୍ରାମ ଯୋଜନାକୁ ଯିବାକୁ ପଡୁଛି ନିତ୍ୟକର୍ମ ପାଇଁ କିମ୍ବା ଚାଷୁପୁଅ ହଳଲାଙ୍ଗଳ ଘେନି ତା ଜମିକୁ ଯିବାକୁ ଉଦ୍ୟମ କରୁଛି । ସରକାରୀ ଯୋଜନାର ସୀଧାବା ନେବାକୁ ଆମେ ସମସ୍ତେ ତତ୍ପରତା ପ୍ରକାଶ କରୁ । ଘରୋଇ ବିଜୁଳି ସଂସ୍ଥା ଆମ ସାତପୁରୁଷର ଜମିଜମା କ୍ରୟ କରି ତାଙ୍କ ଅକ୍ଷମତିରେ ସ୍ୱାର୍ଥସାଧନ କରିବାରେ ସଫଳ ହେଉଛନ୍ତି । ଦିନ ଆସିବ, ବାଷ୍ପ ଜମି ପରିମାଣ ଆଦୌ ନଥିବ କେବଳ ପକ୍କା ଘର, ଅଟ୍ଟାଳିକା, ଇଣ୍ଡଷ୍ଟ୍ରି ଠିଆ ହୋଇଥିବ କୃଷିକ୍ଷେତ୍ର ମାନଙ୍କରେ । ଆମ ରାଜ୍ୟ ଓ ବାହ୍ୟ ରାଜ୍ୟର ପୁଞ୍ଜିପତି, ଶିଳ୍ପପତିମାନେ ଲାଲୁପ ଦୃଷ୍ଟିରୁ ଆମ ଜମି ରାଖା ପାଇବ କି ନାହିଁ ତାହାର ଉତ୍ତର କିଏ ଦେବ ? ପରିଶ୍ରମ କରି ଧାନ, ମୁଗ, ବିରି, କୋଳଥ ଆମ ଜମି ପୁଣି ତାକୁ ବିକ୍ରୟ କରିବା ଏବଂ ନିଜର ଭରଣ ପୋଷଣ କରିବା ତାହା କେଉଁ କାଳ କଥା । ଏବେ ଆମେ ଜୈବ ପ୍ରଯୁକ୍ତି ବିଦ୍ୟା ପ୍ରୟୋଗ ଦ୍ୱାରା ବିଜ୍ଞାନ ଓ କାରିଗରୀ ବିଦ୍ୟାର ଯଥେଷ୍ଟ ପ୍ରୟୋଗ ଆମ୍ଭମାନଙ୍କୁ କବଳିତ କରିସାରିଛି । କେବଳ ଅଦରକାରୀ ଲୋକ ସୁଖ, ସ୍ୱାଚ୍ଛନ୍ଦ୍ୟ ଜୀବନ ବିତାଇବେ ଆମେ ଗ୍ରାମୀଣ ଜନବାସୀ କଣ ସୁଖୀ ଜୀବନ ପାଇବୁ ନାହିଁ ? ଉତ୍କଳୀୟ ପରମ୍ପରାକୁ ନେଇ ଆମ ଗର୍ବ ଥିଲା । ସାଧବ ପୁଅ କାଳା, ସୁମାତ୍ରା, ଆଦି ଦାସପୁଞ୍ଜକୁ ଜଳପଥରେ ଡଙ୍ଗା ଦ୍ୱାରା ଯାଇ ବଣିଜ କରି ସୋଦାର ମୂଲ୍ୟବାନ ଜିନିଷ ଦ୍ରବ୍ୟ ସାଙ୍ଗରେ ଆଣୁଥିଲେ । ଓଡ଼ିଆ ପୁଅର ନାହାଣ ମୁହୁର୍ତ୍ତର ଗୁଣ କଥା କହୁଥିଲା କୋଣାର୍କ ସୂର୍ଯ୍ୟ ମନ୍ଦିର କାଳୁ ବାଢ଼ାରେ । ଆମ ପିଠା, ପଣା, ଭୋଗ, ରାଗର ସ୍ୱତନ୍ତ୍ର ସ୍ଥାନ ଅଛି । କାଳିକମାସରେ ହବିଷ୍ୟ, ମାର୍ଗଶୀରରେ ଲକ୍ଷ୍ମୀବ୍ରତ, ଆମ ଉତ୍କଳୀୟ ନାରୀ ପାଳନ୍ତି ଓ ଖଞ୍ଜା କରନ୍ତି । ଅଷ୍ଟମ ବୃତୀୟାରେ ପ୍ରଥମ କରି ରାଷ୍ଟ୍ରକାର୍ଯ୍ୟର ଶୁଭ ଦିଆଯାଏ ଜମିରେ ଓ ଅକ୍ଷୟ ମୁଠି ଚିଂଡ଼ନ କରାଯାଏ । ଆଷାଢ଼ରେ ଜଗନ୍ନାଥ ଶୁଭାଗୁଡ଼ୁ ହୋଇ ଗୁଣ୍ଡିଚାରାଣୀ ମନ୍ଦିରକୁ ଗମନ କରନ୍ତି । ଆଶ୍ୱିନରେ ଜଗନ୍ମାତା ମା' ଦୁର୍ଗା ଧରାବତରଣ କରିଥାନ୍ତି । ଆମ ପରମ୍ପରା କଥା ଭାବିଲେ ଗର୍ବରେ ଆମ ଛାତି ଫୁଲିଉଠେ । ଏହି ସେବ ଉତ୍ସବ, ଏଗୁଡ଼ାକ ଚଳଣୀ ଓ ପରମ୍ପରା ବିଶ୍ୱରେ ଅନନ୍ୟ, ସ୍ୱତନ୍ତ୍ର ଯାହା ଆଜ କେଉଁ ପ୍ରଦେଶରେ କିମ୍ବା ବିଶ୍ୱରେ କେଉଁ ସ୍ଥାନରେ ଦେଖାଯାଏନି । ଉତ୍କଳ ଅତେ କଳା, ସଂସ୍କୃତିର ମାଟି, ସେଇଠାର ଲୋକକଳା, ଲୋକନୃତ୍ୟ, ଲୋକଚାର ପ୍ରଥା ବିଶ୍ୱ ବନ୍ଦନୀୟ ରୂପେ ପରିଚିତ ତଥାପି ଆମ ସଭ୍ୟତା ସେତେ ଉନ୍ନତି ହେଲେକି ଆମେ ଆମ ଚଳଣୀ ଓ ପରମ୍ପରାଠାରୁ ବିଚ୍ୟୁତ ନହେବା ଉଚିତ । ଗ୍ରାମ୍ୟ ସଭ୍ୟତା ଉନ୍ନତି ହେଲେ ଯାଇ ଦେଶ ଉନ୍ନତି ହେବ ।

ବିଶ୍ୱ ମହିଳା ଦିବସର ଅନୁଚିନ୍ତା

॥ ଭାଗବତ ପାଢ଼ୀ ॥

ବିଶ୍ୱ ମହିଳା ଦିବସ ଅବସରରେ ଆଲୋଚନାର ବିଷୟ ହେଉଛି Give To Gainaû ପାଇବା ପାଇଁ ଦେବା । ଯେତେବେଳେ ସମାଜ, ପରିବାର ଓ ଅନୁଷ୍ଠାନମାନେ ମହିଳାମାନଙ୍କୁ ସମର୍ପଣ, ସ୍ନେହାଶୀଷ, ସମ୍ମାନ ଓ ସାମ୍ପଦ ଦିଅନ୍ତି, ସେତେବେଳେ ସମଗ୍ର ସମାଜ ଉନ୍ନତି କରେ । ଯେଉଁ ଦେଶ ଯେତେ ମହିଳାଙ୍କୁ ଉନ୍ନତି ନିମନ୍ତେ କାର୍ଯ୍ୟ କରିଛି, ସେହି ଦେଶରେ ଉନ୍ନତି କରିଛି । ଯଦି ଆମେ ଆମ ରାଜ୍ୟ ଗୁଡ଼ିକରେ ଦେଖିବା, କିମ୍ବା ପରିବାରରେ ମଧ୍ୟ ଦେଖିବା, ଯେଉଁ ପରିବାରରେ ମହିଳାଙ୍କ ବିକାଶପାଇଁ ଗୁରୁତ୍ୱ ଦିଆଯାଇଛି, ସେହି ପରିବାର ସେତେ ଉନ୍ନତ । ବିଶ୍ୱ ମହିଳା ଦିବସ ଅବସରରେ ଆମେ ଆମ ରାଜ୍ୟର ବିଶିଷ୍ଟ ସାମାଜିକ କର୍ମୀ ତଥା ଦମ୍ବୁଣ୍ଡା ଶାନ୍ତି ଦେବୀଙ୍କ ସମ୍ପର୍କରେ ଆଲୋଚନା କରିବା ସମ୍ଭବିତ୍ତ ହେବ ବୋଲି ଭାବୁଛି । ଦମ୍ବୁଣ୍ଡା ଶାନ୍ତି ଦେବୀଙ୍କ ଠାରୁ ଅନେକ ପ୍ରେରଣା ପାଇଛନ୍ତି, ଅନେକ ଅନାଥ ବାଳିକା ମଣିଷ ହେବାର ସୁଯୋଗ ପାଇଛନ୍ତି, ସର୍ବୋଦୟ ଆନ୍ଦୋଳନରେ ଲାଗନେତା, ଗାନ୍ଧୀ ଓ ବିନୋବା ବିଚାରରେ ଜୀବନ ବଂଚିବା, ସାମାଜିକକ୍ଷେତ୍ରରେଜଣେ ଅନନ୍ୟ ମହିଳା ଭାବରେ ତାଙ୍କୁ ଏହିଦିବସରେ ମନେପକାଇବା ମହାନ୍ କାର୍ଯ୍ୟହେବ ।

ଶାନ୍ତି ଦେବୀଙ୍କ ଜନ୍ମ ପ୍ରଥମରୁ ନିଜ୍ଞଷ୍ଟସିତ, ସମାଜରେ ତଳେ ପଡ଼ିଥିବା ମଣିଷଙ୍କ ସେବା କରିବାକୁ ସଂକଳ୍ପ ବଦ୍ଧ ହୋଇଛନ୍ତି । ଜୀବନର ପ୍ରଥମ ପାହାଚରୁ ଜୀବନରଶେଷପର୍ଯ୍ୟନ୍ତ ସେହି ଲକ୍ଷ୍ୟକୁ ନେଇ ଆଗେଇଛନ୍ତି । ସମାଜ ସମୟକୁ ଧରି ଅନେକ ପରିବର୍ତ୍ତନ ହୋଇଛି । ଶାନ୍ତି ଦେବୀଙ୍କ ସାମାଜିକ କାର୍ଯ୍ୟକ୍ରମ ମଧ୍ୟ ବିଭିନ୍ନ ସମୟରେ ପରିବର୍ତ୍ତନ ହୋଇଛି । ଯଥା ଯୁବା ସମୟରେ ସ୍ୱାଧୀନତା ପରବର୍ତ୍ତୀ ସମୟରେ ଅବିଭକ୍ତ କୋରାପୁଟ ଅନେକ ଅଂଚଳ ବୁଲିଛନ୍ତି, ମାଆ, ମହିଳା ଓ ଶିଶୁଙ୍କ ଦିଗିସା ଓ ସେବାଶୁଶ୍ରୂଷା କରିଛନ୍ତି, ଅନେକ ବାହାର ଜାମ କରିବା ସହିତ ସେ ନିଜେ ଆଶ୍ରମ ସଂଗଠିତ କରିଛନ୍ତି ।

ଶାନ୍ତି ଦେବୀଙ୍କ ଜନ୍ମର ପ୍ରତି ଯେଉଁ ଅବଦାନ କରିଛନ୍ତି, ସେସବୁ ଏଇ ଅଂଶବିଶେଷ ଏଠାରେ ଆଲୋଚନା କରିବା ସମିଚୀଚ ହେବ । ତାଙ୍କର ସାହିତ୍ୟ ସୃଷ୍ଟି ସମ୍ପର୍କରେ ଆଲୋଚନା କଲାବେଳେ ବେଳେ ସେ କେତେ ମାତ୍ରାରେ ଅଧ୍ୟୟନ କରିଛନ୍ତି, ଗାଢ଼ର ଭାବରେ ପୁସ୍ତକଗୁଡ଼ିକୁ ଭେଦ କରିଛନ୍ତି, ସେଥିରୁ ଅନୁଭୂତ ହୁଏ । ଅନେକ ପୁସ୍ତକ ଅନୁବାଦ କରିଛନ୍ତି, ସେଗୁଡ଼ିକ ମଧ୍ୟରେ ଅଧିକାଂଶ ବିନୋବାଜୀଙ୍କ ଦ୍ୱାରା ଲିଖିତ ପୁସ୍ତକ । ବିନୋବାଜୀଙ୍କ ଦ୍ୱାରା ନିଜର କର୍ମମୟ ଜୀବନ ଆଚରଣରୁ ବେଶ ପ୍ରଭାବିତ ହୋଇଛନ୍ତି । ସର୍ବୋଦୟ ଆନ୍ଦୋଳନରେ ନିଜକୁ ସାମିଲ ହୋଇଛନ୍ତି । ସାମାଜିକ କାର୍ଯ୍ୟରେ ନିଜକୁ ନିୟୋଜିତ କରିଛନ୍ତି । ଜଣେ ବିଶିଷ୍ଟ ଜମିଦାର ଘରର ଝିଅ ହୋଇ ମଧ୍ୟ କୋରାପୁଟ ଅଂଚଳରେ ରହି ନିଜକୁ ସେବାରେ ନିୟୋଜିତ କରିଛନ୍ତି । ପ୍ରାଥମିକ ସ୍ତରରେ ସାମାଜିକ ସେବା, ରୋଗୀ ସେବାକୁ ଗୁରୁତ୍ୱ ଦେବା, ସେବେ ପରବର୍ତ୍ତୀ ସମୟରେ ଅବହେଳିତ ବର୍ଗର ବାଳିକାଙ୍କ ଶିକ୍ଷାକୁ ଅତି ଗୁରୁତ୍ୱ ଦେଇଛନ୍ତି । ବୟସକୁ ଆଧାର କରି ନିଜର ସେବା ଜାରି ରଖିଛନ୍ତି । ବହୁଠାରୁ ବଡ଼ କଥା ହେଲା ସେ, ବାଳିକା, କିଶୋରୀ ମାନଙ୍କ ଉପରେ ବିଶେଷ ପ୍ରଭାବ ପକାଇଛନ୍ତି । ବାଳିକା, ଶିଶୁମାନଙ୍କ ସହିତ ସେ ବେଶ୍ ଆପଣାର କରିପାରୁଥିଲେ । ଅନେକ ବାଳିକାଙ୍କ ପାଇଁ ସେ ଉଦାହରଣ ପାଲଟି ଯାଇଥିଲେ ।

ସମାଜ ସେବାରେ ସମର୍ପିତା ଶାନ୍ତି ଦେବୀ ହେଉଛନ୍ତି ବିଶିଷ୍ଟ ସର୍ବୋଦୟ ନେତା ତଥା ସମାଜସେବୀ ଶ୍ରୀ ଗଚନ ଦାସଙ୍କ ଧର୍ମପତ୍ନୀ । ଆଦିବାସୀ ଅଧୁଷିତ କୋରାପୁଟ ହେଉଛି ତାଙ୍କର ସେବା-ସାଧନାର ପୀଠ । ୧୯୫୫ରେ ବିବାହିତ ଜୀବନ ଆରମ୍ଭ କରିବା ପରେ ସ୍ୱାମୀ ବିଶିଷ୍ଟ ସାମାଜିକର୍ମୀ ଗଚନ ଦାସଙ୍କ ସହ କୋରାପୁଟ ଆସନ୍ତି ଏବଂ ୧୯୫୩ରୁ ବୃଷ୍ଟିରୋଗୀ, ଯାଜ୍ ? ଚିକିତ୍ସା ଅବିରେ ନିଜୁ ସ୍ୱାମୀଙ୍କ ଭାବରେ ନିୟୋଜିତ କରନ୍ତି । ୧୯୫୫ରେ ଆର୍ଯ୍ୟ ବିନୋବାଜୀଙ୍କ ଭୂଦାନ ସର୍ବୋଦୟ ଆନ୍ଦୋଳନରେ ଯୋଗ ଦେଇ ତାଙ୍କ ସହିତ ପଦଯାତ୍ରାରେ ସାମିଲ ହୁଅନ୍ତି । ଆଦିବାସୀଙ୍କ କଲ୍ୟାଣ ଏବଂ ଅନାଥ ବାଳିକା, ଅସହାୟ ମହିଳାଙ୍କ ଉନ୍ନତି ପାଇଁ ଭିନ୍ନକ ନବଜୀବନ ମଣ୍ଡଳରେ ଯୋଗ ଦେଇ ସେହା ତା'ର ସୁସ୍ଥ ସଂପାଦକ ଭାବରେ କାର୍ଯ୍ୟ କରନ୍ତି । ୧୯୬୪ରେ ରାୟଗଡ଼ାରେ ପ୍ରତିଷ୍ଠା କରନ୍ତି "ସେବା ସମାଜ" । ୧୯୭୦ ରେ ଖଡ଼ା ଗ୍ରାମୋଦ୍ୟୋଗ ବିଦ୍ୟାଳୟ ଗୋପାଳବୃଷ୍ଟିରେ ଆପଣିଆ ଭାବରେ କାର୍ଯ୍ୟ କରନ୍ତି ଏବଂ ପରେ ଓଡ଼ିଶା କୁଟୀର ଯନ୍ତ୍ର ସମିତି ସଂପାଦକ। ଦାୟିତ୍ୱ ତୁଲାନ୍ତି । ଶାନ୍ତି ଦେବୀ ଅନେକ ସମୟରେ ସମାଜରେ ଘଟୁଥିବା ପରିସ୍ଥିତି ସମ୍ପର୍କରେ ଚିନ୍ତା ପ୍ରକଟ କରିଥାଏନ୍ତି ଏବଂ ଏହା ବିରୋଧରେ ପ୍ରତିକ୍ରିୟା ମଧ୍ୟ ସୃଷ୍ଟି କରିଛନ୍ତି । ଆଦିବାସୀ ଅଂଚଳରେ ବାଳିକା ଶିକ୍ଷା ଉପରେ ବିଶେଷ ଭାବରେ ଗୁରୁତ୍ୱ ଦେଇଛନ୍ତି । କିଛିବର୍ଷ ତଳେ ବାଳିକାଙ୍କ ସମସ୍ୟା ସମ୍ପର୍କରେ ଆଲୋଚନା ବେଳେ କହିଥିଲେ, ଅଧିକାଂଶ କିଶୋରୀ ବାଳିକା ଅଧାରୁ ପାଠ ଛାଡୁଛନ୍ତି, କଥା ଛେଡରେ କାମ କରୁଛନ୍ତି, ଏହି ସମୟରେ ବିଭାଜ ନିକାଳନ ସଂଶ୍ରବରେ ଆସୁଛନ୍ତି । ଏହା ସେମାନଙ୍କର ଶରୀର ଉପରେ ପ୍ରଭାବ ପଡୁଛି ଉପରେ ଚିନ୍ତା ପ୍ରକାଶ କରୁଥିଲେ । ଏଥିସହିତ ଅନେକ ସମୟରେ ପରିବାରର ସମସ୍ୟାକୁ ନେଇ କିଶୋରୀମାନଙ୍କ ମଧ୍ୟରେ ଆତ୍ମହତ୍ୟା ପ୍ରବଣତା ବଢୁଛି !

ଯତ୍ର ନାର୍ଯ୍ୟବସ୍ତୁ ପୂଜ୍ୟନ୍ତେ ରମନ୍ତେ ତତ୍ର ଦେବତାଃ...

॥ ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର ॥

ପୁରାଣରେ ବର୍ଣ୍ଣିତ ଅଛି- 'ଜଗତ ମାତା ଚ ପ୍ରକୃତିଃ ପୁରୁଷଶ୍ଚ ଜଗତ ପିତା । ଗରିୟସୀ ଜଗତାଂ ମାତା, ମାତା ଶତଗୁଣଂ ପିତା । ।' ଅର୍ଥାତ୍ ଜଗତର ଜନ୍ମଦାତ୍ରୀ ହେଉଛନ୍ତି ମାତା । ଜଗତର ପାଳନ ବା ରକ୍ଷାକର୍ତ୍ତା ହେଉଛନ୍ତି ପୁରୁଷ । ସୁତରାଂ ଜନ୍ମଦାତ୍ରୀ ବା ଜଗତର ମାତା, ପିତାଙ୍କ ଠାରୁ ଶହଗୁଣା ଅଧିକ ଶ୍ରେଷ୍ଠ । ନାରୀଙ୍କ ସ୍ଥାନ ସର୍ବଦା ଆଗରେ । ନାରୀକୁ ପ୍ରଥମ ସ୍ଥାନ ଦିଆଯାଇଛି । ସୁତରାଂ ଦେବତା ଓ ମହାପୁରୁଷମାନଙ୍କର ନାମ ସହିତ ସେମାନଙ୍କର ପତ୍ନୀଙ୍କ ନାମ ସଂଯୋଗ କରାଯାଇଛି । ଯଥା ସୀତାରାମ, ରାଧେଶ୍ୟାମ, ଗୌରୀଶଙ୍କର, ରମାମହେଶ, ଲକ୍ଷ୍ମୀନାରାୟଣ, ସାବିତ୍ରୀସତ୍ୟବାନ, ମାୟାଭୁଷ୍ଣ, ପ୍ରକୃତିପରମେଶ୍ୱର, ଶକ୍ତିଶିବ ଇତ୍ୟାଦି । ପବିତ୍ରତା, ସ୍ନେହ, ବାତ୍ସଲ୍ୟ, ଦୟା, ସେବା, ସହାନୁଭୂତି, ଭକ୍ତିଭାବନା ଆଦି ଗୁଣରେ ପୁରୁଷ ଅପେକ୍ଷା ନାରୀ ଠିଆ ଅଗରେ । ଗୃହସ୍ଥାଶ୍ରମ ଧର୍ମିଣ ଓ ଅଧ୍ୟାତ୍ମିକ ସମ୍ପର୍କ କାର୍ଯ୍ୟଗୁଡ଼ିକରେ ନାରୀକୁ ସର୍ବଦା ସ୍ୱାଗତ ଓ ସମ୍ମାନ କରାଯାଏ । ନାରୀକୁ ତା'ର ମହାନତାରୁ ଅନୁପ୍ରାଣୀତ ପ୍ରତିଷ୍ଠା ମଧ୍ୟ ଦିଆଯାଇଛି । ସତ୍ୟଯୁଗରେ ସାବିତ୍ରୀ, ତ୍ରେତାୟ ଯୁଗରେ ସୀତା, ଅନୁସୂୟା, ଦ୍ୱାପରରେ କୁନ୍ତୀ, ଦ୍ରୌପଦୀ ଆଦି ନିଜ ନିଜର ପତିଙ୍କୁ ଓ ପରାଣକୁ ବଳରେ ଗୁରେ ଯୁରେ ରଖିବ । ରାଜିଥାସବୁ ଜଣାଯାଏ ଶ୍ରୀମଦ୍ଭାଗବତୀ ଲକ୍ଷ୍ମୀବାଈ, ସରୋଜିନୀ ନାଇଡୁ, ଅରୁଣା ଆସଫ୍ ଅଲ୍ଲୀ, ସ୍ତୁତେରୀ କ୍ରପାଳିନୀ, କମଳା ନେହେରୁ, କସ୍ତୁରବା ଗାନ୍ଧୀ, ମଦରଟେରେସା, ଇନ୍ଦିରାଗାନ୍ଧୀ, ମହିନୀ ଶତପଥୀ ଆଦି ମହାଯାସୀ ମହିଳାମାନେ ନିଜ ନିଜ କ୍ଷେତ୍ରରେ ସେମାନଙ୍କର କାର୍ଯ୍ୟକ୍ଷମତାର ଅନ୍ୟ ଶକ୍ତିର ପରାକାଷ୍ଠା ପ୍ରଦର୍ଶନ କରି ଜାତୀୟ ସ୍ତରରେ ପ୍ରସିଦ୍ଧ ହୋଇପାରିଛନ୍ତି । ନାରୀ ପୁରୁଷଙ୍କଠାରୁ କୌଣସି ଗୁଣରେ କମ ନୁହେଁ । ନାରୀ ବିନା ଏ ସୃଷ୍ଟି ସମ୍ଭବ ନୁହେଁ । ନାରୀ ବିନା ସଂସାର କଳ୍ପନା ବୃଥା । ନାରୀ ବିନା ପୁରୁଷ ଅପୂର୍ଣ୍ଣ ହୋଇଯାଉଛେନା । ମନ, ମାନୀ ଏକ ରଥର ଦୁଇ ଚକ । ଏକ ଶରୀରର ଦୁଇଯାକ । ଏକ ମୁଖର ଦୁଇ ନେତ୍ର । ଜଣକ ବିନା ଅନ୍ୟଟି ଅପୂର୍ଣ୍ଣ । ତେଣୁ ନାରୀକୁ ପୁରୁଷର ଅର୍ଦ୍ଧାଙ୍ଗିନୀ କୁହାଯାଏ । ଭାରତୀୟ ସଂସ୍କୃତି ଓ ଧର୍ମରେ ନାରୀକୁ ଅବତାରୀ କାଳରୁ ପୁରୁଷର ଏକ ଓ ଅବିଚ୍ଛିନ୍ନ ଅଙ୍ଗରୂପେ ସ୍ୱୀକାର କରାଯାଇଛି । ପତ୍ନୀ ବିନା ପତିର କୌଣସି ଧର୍ମକାର୍ଯ୍ୟ, ଯଜ୍ଞାଦି କର୍ମ ସମ୍ଭବ ହୁଏନା । ତେଣୁ ତ୍ରେତାୟ ପୁରାଣରେ ବର୍ଣ୍ଣିତ ଅଛି- 'ଅପତ୍ନୀକ୍ଷା ବା ଏଷ ଯେଫଂପୁଣ୍ଯଃ । । ଅର୍ଥାତ୍ ଯିଏ ଅପତ୍ନୀକ, ତାର ଯଜ୍ଞପୂର୍ଣ୍ଣ ହୁଏନା । ପତ୍ନୀ ବିନା ଯଜ୍ଞ ଅସମ୍ଭବ ବା ଅପୂର୍ଣ୍ଣ ରହେ । ନାରୀ ସର୍ବଦା ଲକ୍ଷ୍ମୀସ୍ୱରୂପା । ସେ ପୁରୁଷ ଦକ୍ଷିଣ ପାର୍ଶ୍ୱରେ ଅଛନ୍ତି । ନାରୀ ଧର୍ମାଳାର୍ଯ୍ୟର ସହାୟିକା ଅଟନ୍ତି । କୁହାଯାଏ - ଦାରାଧିନ ସ୍ତଥା ସ୍ୱର୍ଗଃ... ଅର୍ଥାତ୍ ସ୍ୱର୍ଗ ସ୍ତୀର ଅଧିନ ଅଟେ । ମନୁ ସଂହିତାରେ ବର୍ଣ୍ଣିତ ଅଛି - 'ଯତ୍ର ନାର୍ଯ୍ୟସ୍ତୁ ପୂଜ୍ୟନ୍ତେ ରମନ୍ତେ ତତ୍ର ଦେବତଃ, ଯତ୍ରୈତାସ୍ତୁ ନ ପୂଜ୍ୟନ୍ତେ ସର୍ବାସ୍ତତ୍ର ଫଳାଃ କ୍ରିୟାଃ । ।' ଯେଉଁ ଗୃହରେ ନାରୀକୁ ସମ୍ମାନ ଦିଆଯାଏ, ସେଠାରେ ଦେବ ବାସ କରନ୍ତି । ଯେଉଁଠାରେ ତା'ର ତିରସ୍କାର ହୁଏ, ସେଠାରେ ସମସ୍ତ କାର୍ଯ୍ୟ ନିଷ୍ଫଳ ହୁଏ ।

ଶାସ୍ତ୍ରରେ ନାରୀମାନଙ୍କୁ ସମ୍ପତ୍ତି ସମ୍ବନ୍ଧୀୟ ଅଧିକାରିଣୀ ବୋଲି କୁହାଯାଇଛି । ସତ୍ୟ, ପ୍ରେମ, ଧର୍ମ, ଶାନ୍ତି, ସହନ, ଆନନ୍ଦ ଓ ସ୍ୱାନୁଭୂତି । ସେ ଘରର ଶ୍ରୀ, ଯେ କି ଘରର ସୁନାମର ଅଧାର । ସେହିପରି ଗାର୍ଗ୍ୟ ଦେଶ, ଏପରିକି ବିଶ୍ୱର ମର୍ଯ୍ୟାଦା ରକ୍ଷାରେ ନାରୀମାନଙ୍କର ମୁଖ୍ୟ ଭୂମିକା ରହିଛି । ଘର ଭିତରେ ନାରୀକୁ ସ୍ଥୂଳଶ୍ମାର ଭଳି ମର୍ଯ୍ୟାଦା ଦିଆଯାଇଛି । ଗରଣୀ ହିଁ ଘରର ସୁନାମ ପରେରେ ଥାଏ । ନାରୀ ବ୍ୟାମାବୃତ୍ତିପରାଣ ଅଟେ । ପୁରୁଷ ବ୍ୟାଳ କରୁଥିଲେ ବି ସେଥିରେ ସ୍ୱାର୍ଥଭାବନା ଥାଏ, କିନ୍ତୁ ନାରୀର ବ୍ୟାଳ ପୁରାପୁରି ନିଃସ୍ୱାର୍ଥପର । ସେଥିପାଇଁ ଆମେ ଆମର ନାରୀମାନଙ୍କ ପାଇଁ ଗର୍ବ କରିବା ଉଚିତ । ନାରୀମାନଙ୍କୁ ଅବିଶ୍ୱାର୍ଯ୍ୟ ସ୍ୱତ୍ତ୍ୱପିଣୀ ବୋଲି କୁହାଯାଇଛି । ସେଥିପାଇଁ ଆମ ସଂସ୍କୃତିରେ ପିତା, ଗୁରୁ ଓ ଭଗବାନଙ୍କ ଅପେକ୍ଷା ମାତାଙ୍କୁ ସର୍ବୋଚ୍ଚ ସ୍ଥାନ ଦିଆଯାଇଛି । ଯାଜ୍ଞବଲ୍କ୍ୟ କୁହାଯାଇଛି 'ଯତ୍ର ନାର୍ଯ୍ୟସ୍ତୁ ପୂଜ୍ୟନ୍ତେ ତତ୍ର ରମନ୍ତେ ସର୍ବ ଦେବତା' । ଯୁଗପୁରୁଷୋତ୍ତମ ଭଗବାନ ପରୁରେ ଶ୍ରୀ ଶ୍ରୀ ଅନୁକୂଳଚନ୍ଦ୍ର ତାଙ୍କ ଦିବ୍ୟ ସମ୍ବାଷଣରେ କହିଛନ୍ତି - ନାରୀମାନେ ଲକ୍ଷ୍ମୀ ସ୍ୱରୂପିଣୀ ହୋଇଥିବା ଯୋଗୁଁ ସେମାନଙ୍କୁ ସମ୍ମାନିତ କରାଯିବା ଦରେକ ହିଁ ପୁରୁଷ ସମ୍ବନ୍ଧିତାର କରିପାରି

ଦୈନିକ
ଆରମ୍ଭ
SEITHO ARAMBHA

ସୋମବାର, ୯ ମାର୍ଚ୍ଚ,୨୦୨୬ : ବାଲେଶ୍ୱର : ପୃଷ୍ଠା -୫

ଜିଲ୍ଲାର ଶ୍ରେଷ୍ଠ ସମାଜସେବୀ ଭାବେ ଆମନ ଚନ୍ଦ୍ର ନାୟକ ସମ୍ମାନିତ

ଜି.ଉଦୟଗିରି,୦୮/୦୩ (ଆ.ପ୍ର) : କନ୍ଧମାଳ ଜିଲ୍ଲା ଜି.ଉଦୟଗିରି ବ୍ଲକ କନିଙ୍ଗା ଗ୍ରାମର ଯୁବ ସମାଜସେବୀ ଆମନ ଚନ୍ଦ୍ର ନାୟକଙ୍କୁ ତାଙ୍କ ସମାଜସେବା କାର୍ଯ୍ୟ ପାଇଁ ତୁଳସୀ ଦେବୀ ସ୍ମୃତି ସମ୍ମାନ ପ୍ରଦାନ କରାଯାଇଛି । ଫୁଲବାଣୀ ଠାରେ ଶନିବାର ବିକାଳିର ସଂଧ୍ୟା ରେ ଆୟୋଜିତ ଗୋଡ଼ଶ୍ର ବନଜ୍ୟୋତ୍ସା ସାହିତ୍ୟ ସଂସଦ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । କାର୍ଯ୍ୟକ୍ରମରେ କନ୍ଧମାଳ ଅତିରିକ୍ତ ଜିଲ୍ଲାପାଳ କୁଶଳ ଚନ୍ଦ୍ର ନାୟକ ମୁଖ୍ୟ ଅତିଥି ଭାବେ ଉପସ୍ଥିତ ରହି ତାଙ୍କୁ ଏହି ସମ୍ମାନ ପ୍ରଦାନ କରିଥିଲେ । ଆମନ ଚନ୍ଦ୍ର ନାୟକ କନ୍ଧମାଳ ଜିଲ୍ଲାର କନିଙ୍ଗା ଭଳି ଛୋଟଟିଆ ଗ୍ରାମର ଜଣେ ସାଧାରଣ ଯୁବକ । ନିଜ ଗ୍ରାମରେ ପ୍ରାଥମିକ ଶିକ୍ଷା ଅର୍ଜନ ପରେ ସେ ଫୁଲବାଣୀରେ ଡିପ୍ଲୋମା ଇଞ୍ଜିନିୟରିଂ ପରେ ୨୦୧୫ ମସିହାରେ ଭୁବନେଶ୍ୱରରେ ବି.ଟେକ୍ ଏବଂ ୨୦୧୮ ମସିହାରେ ବୁଦ୍ଧପୁରରେ ଏମ୍‌ବିଏ ଶିକ୍ଷା ସମାପ୍ତ କରିଥିଲେ । ଛାତ୍ରଶିକ୍ଷା ସମାପ୍ତ କରିବା ପରେ ତାଙ୍କିରି ପଲ୍ଲରେ ନ ଧାଇ ସେ ସମାଜସେବା ପ୍ରତି ନିଜକୁ ସମର୍ପିତ କରିଛନ୍ତି । ନିଜ ଅଂଚଳର ବିକାଶ, ପରିବେଶ ସୁରକ୍ଷା, ବୃକ୍ଷରୋପଣ, ଜଳବାୟୁ ପରିବର୍ତ୍ତନ ସଚେତନତା, ପଶୁପକ୍ଷୀ ସୁରକ୍ଷା, ଜଙ୍ଗଲ ଅଭିବୃଦ୍ଧି ପ୍ରତିରୋଧ, ବାଲ୍ୟ ବିବାହ ରୋକିବା, ପ୍ଲାଷ୍ଟିକ ବ୍ୟବହାର ବିରୋଧୀ ଅଭିଯାନ ଏବଂ ରକ୍ତଦାନ ଶିବିର ଭଳି ବିଭିନ୍ନ ସଚେତନତା ମୂଳକ କାର୍ଯ୍ୟକ୍ରମ କରୁଛନ୍ତି । ସେ ଗ୍ରାମେ ଗ୍ରାମେ ବୁଲି ଲୋକମାନଙ୍କ ସମସ୍ୟା ବୁଝି ରାସ୍ତାଘାଟ, ବିଦ୍ୟୁତ୍, ଜଳ ଓ ଅନ୍ୟାନ୍ୟ ସମସ୍ୟା ସମାଧାନ ପାଇଁ ସରକାର ଓ ପ୍ରଶାସନଙ୍କୁ ପତ୍ର ମାଧ୍ୟମରେ ଅବଗତ କରୁଛନ୍ତି । ସୋସିଆଲ ମିଡିଆକୁ ସମାଜସେବାର ଏକ ମାଧ୍ୟମ କରି ସେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ ପ୍ରାୟ ୬୫୦୦ରୁ ଅଧିକ ଟ୍ୱିଟ୍, ୯୦୦୦ରୁ ଅଧିକ ଅନଲାଇନ୍ ଅଭିଯୋଗ ଏବଂ ୩୦୦ରୁ ଅଧିକ ଇ-ମେଲ୍ ପଠାଇ ସାରିଛନ୍ତି । ତାଙ୍କ ଟ୍ୱିଟ୍ ମାଧ୍ୟମରେ ଅନେକ ଗରିବ, ବୃଦ୍ଧ, ଛିନ୍ନକ୍ଷମ ଓ ଅସହାୟ ଲୋକଙ୍କ ସହ ଅଂଚଳର ସାମୁହିକ ସମସ୍ୟା ସମାଧାନ ହେଉଥିବାରୁ ସେ ଟ୍ୱିଟର ମ୍ୟାନ୍ ଭାବେ ଅଂଚଳରେ ପରିଚିତ ହୋଇଛନ୍ତି ।ତାଙ୍କ ଏହି ସେବାମୂଳକ କାର୍ଯ୍ୟକୁ ଦେଖି ଜିଲ୍ଲାବାସୀ ପ୍ରଶଂସା କରୁଥିବା ବେଳେ ବନଜ୍ୟୋତ୍ସା ସାହିତ୍ୟ ସଂସଦ ତରଫରୁ ଜିଲ୍ଲାର ଶ୍ରେଷ୍ଠ ସମାଜସେବୀ ଭାବେ ସମ୍ମାନିତ କରାଯାଇଛି ।ସେ ନିଜ ପ୍ରତିକ୍ରିୟାରେ ଏହି ସଫଳତା ପାଇଁ ସହକର୍ମୀ ତଥା ଗୁରୁ ମାନୁଥିବା ସାମଜସେବି ତଥା ବରିଷ୍ଠ ସାମାଜିକ ସମୀର କୁମାର ପାଢ଼ୀ,ସାମାଜିକ ବଦକୃଷ୍ଣ ଦାସ , ସହଯୋଗୀ ସାମନ୍ତ ଶେଖର ନାୟକ,ସାମାଜିକ ବିନୁୟ କୁମାର ସେଠୀ, ସମାଜସେବୀ ବୃଷାକେଶ ପ୍ରଧାନ,ସମ୍ବିତା ମଲ୍ଲିକ,ସଙ୍ଗୀତ ବିଶାଲଙ୍କ ସମେତ ନିଜ ପରିବାର, ଅଂଚଳବାସୀ ଓ ଶୁଭାକାଂକ୍ଷୀ ମାନଙ୍କୁ କୃତଜ୍ଞତା ଜଣାଇଛନ୍ତି ।

କନ୍ଦମୂଳ ପଡ଼ିଆରେ ଶ୍ରୀରାମ ଚରିତ ମାନସ ପାଠ ଓ ପ୍ରବଚନ କାର୍ଯ୍ୟକ୍ରମ

ଚିତୋଲ, ୦୮/୦୩ (ଆ.ପ୍ର) : ଜଗତସିଂହପୁର ଜିଲ୍ଲା ରାହାମା ନିକଟସ୍ଥ ତାନତରା ଅଂଚଳର କନ୍ଦମୂଳ ପଡିଆ ଠାରେ ଶ୍ରୀରାମ ଚରିତ ମାନସ ପରିଷଦର ସଦସ୍ୟମାନଙ୍କ ପ୍ରଚେଷ୍ଟାରେ ଇବଧ ଧାର୍ମିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଛି । ବିଭିନ୍ନ ପଂଚାୟତରୁ ଶତାଧିକ ମହିଳା ଓ ପୁରୁଷ ଭକ୍ତମାନେ ଏହି ପବିତ୍ର ଅନୁଷ୍ଠାନରେ ଯୋଗଦେଇ ପ୍ରଭୁ ଶ୍ରୀରାମଙ୍କ ନାମ ସ୍ମରଣ କରି ଭକ୍ତିଭାବରେ ମଗ୍ନ ହୋଇଛନ୍ତି । ଏହି ଅବସରରେ ଶ୍ରୀରାମ ଚରିତ ମାନସ ପାଠ, ଭଜନ-କୀର୍ତ୍ତନ ଓ ଧାର୍ମିକ ପ୍ରବଚନ କାର୍ଯ୍ୟକ୍ରମ ଆୟୋଜିତ ହେଉଛି । ପ୍ରଭୁ ଶ୍ରୀରାମ ହେଉଛନ୍ତି ସତ୍ୟ, ଧର୍ମ ଓ ନ୍ୟାୟର ପ୍ରତୀକ । ତାଙ୍କ ଜୀବନ ଆଦର୍ଶ ଓ ଉପଦେଶ ମାନବ ସମାଜକୁ ସଦା ନୈତିକ ମୂଲ୍ୟବୋଧ ଓ ସତ୍ୟପଥରେ ଚାଲିବା ପାଇଁ ପ୍ରେରଣା ଦେଉଥାଏ । ଏହି ପବିତ୍ର ଅନୁଷ୍ଠାନ ମାଧ୍ୟମରେ ଭକ୍ତମାନେ ପ୍ରଭୁଙ୍କ କରୁଣା ଓ ଆଶୀର୍ବାଦ ଲାଭ କରୁଥିବା ବୋଲି ମତ ପ୍ରକାଶ କରିଛନ୍ତି । ପରିଷଦର କର୍ମକର୍ତ୍ତାମାନଙ୍କ କହିବା ଅନୁସାରେ, ଦୀର୍ଘ ବର୍ଷ ଧରି ଏହି ଧାର୍ମିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଆସୁଛି ଏବଂ ସ୍ଥାନୀୟ ଅଂଚଳର ଶ୍ରୀରାମ ଓ ହନୁମାନ ଭକ୍ତମାନଙ୍କ ମଧ୍ୟରେ ଏହା ଅତ୍ୟନ୍ତ ଆସ୍ଥା ଓ ଉତ୍ସାହର ସହ ମନାଯାଉଛି । ସାତଦିନ ଧରି ଚାଲୁଥିବା ଏହି ଅନୁଷ୍ଠାନରେ ପ୍ରତ୍ୟେକ ଦିନ ସନ୍ଧ୍ୟାବେଳେ ପ୍ରବଚନ କାର୍ଯ୍ୟକ୍ରମ ଆୟୋଜିତ ହେଉଥିବାବେଳେ ଶହଶହ ସଂଖ୍ୟକ ଭକ୍ତମାନେ ଯୋଗଦେଇ ଭକ୍ତିମୟ ପରିବେଶକୁ ଅଧିକ ଉତ୍ସାହମୟ କରୁଛନ୍ତି ।

ଜାତୀୟ ମାନବିକଅଧିକାର ସାମାଜିକ ପରିଷଦ ପକ୍ଷରୁ ପରିଚୟପତ୍ର ପ୍ରଦାନ

ଜଗତସିଂହପୁର, ୦୮/୦୩ (ଆ.ପ୍ର) : ଜାତୀୟ ମାନବିକ ଅଧିକାର ସାମାଜିକ ନ୍ୟାୟ ପରିଷଦ, ଜଗତସିଂହପୁର ଜିଲ୍ଲା ଶାଖା ତରଫରୁ, ଜିଲ୍ଲାର କାର୍ଯ୍ୟରତ ସମସ୍ତ ସଦସ୍ୟମାନଙ୍କୁ, ଗତ ଶୁକ୍ରବାରଦିନ, ଝଙ୍କଡ଼ ସାଜନା ପାଠରେ ସମ୍ମାନିତ ଓ ସମ୍ବର୍ଦ୍ଧିତ କରିବା ସହିତ, ପରିଚୟପତ୍ର ପ୍ରଦାନ କରାଯାଇଥିଲା । ଜିଲ୍ଲା ସଭାପତି ତଥା ସାମାଜିକ ଚନ୍ଦ୍ରକାନ୍ତ ଦାସଙ୍କ ପ୍ରତିନିଧ୍ୟ ତତ୍ତ୍ୱାବଧାନ ରେ ଓ ଅଧ୍ୟକ୍ଷତା ରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ, ମାଆ ସାରଳା ଠାକୁରାଣୀଙ୍କ ନିକଟରେ ପୂଜାର୍ଚ୍ଚନା କରାଯାଇ, ଜିଲ୍ଲାର ପ୍ରାୟ ସତୁରିରୁ ଊର୍ଦ୍ଧ୍ୱ ସଦସ୍ୟ ମାନଙ୍କୁ ମାଆଙ୍କର ଅଙ୍ଗବସ୍ତ୍ର, ପାଦୁକା, ଚନ୍ଦନ ସିନ୍ଦୁର, ବରିଷ୍ଠ ସେବାୟତ ଅଶୋକ କୁମାର ରାଉତଙ୍କ ଦ୍ୱାରା ପ୍ରଦାନ କରାଯାଇଥିଲା । ଏଥିରେ ସ୍ୱତନ୍ତ୍ର ନିମନ୍ତିତ ଅତିଥିଭାବେ ରାଜ୍ୟ ଅଧକ୍ଷ ଡଃ ସ୍ୱର୍ଣ୍ଣମୟୀ ରାଉତ, ରାଜ୍ୟ ମୁଖ୍ୟଉପଦେଷ୍ଟା ଡଃ ସୌଦାମିନୀ ଦାଶ, ରାଜ୍ୟ ଆଇନିପରାମର୍ଶଦାତା ଆଇନୀଜୀବୀ ସମ୍ବିତା ସାହୁ, ରାଜ୍ୟ ସାଧାରଣସମ୍ପାଦକ ହିମାଂଶୁ ମାନସିଂ, ପୁରୀଜିଲ୍ଲା ସଭାପତି ଜୟଶ୍ରୀ ପାତ୍ର ଓ ବୀଣା ଷଡ଼ଙ୍ଗୀ, ଖୋର୍ଦ୍ଧା ଜିଲ୍ଲା ସଭାପତି ଦୀନବନ୍ଧୁ ନାୟକଙ୍କ ସମେତ ରାଜ୍ୟର ବିଭିନ୍ନ ଜିଲ୍ଲାର ପଦାଧିକାରୀ ମାନେ ଉପସ୍ଥିତ ରହି ପରିଚୟ ପତ୍ର ପ୍ରଦାନ କରିଥିଲେ । ସମାଜର ସବୁବର୍ଗ ର ଅବହେଳିତ ଲୋକମାନଙ୍କୁ ସାମାଜିକ ନ୍ୟାୟ ପ୍ରଦାନ କରି ଆବଶ୍ୟକୀୟ ସେବା ଯୋଗାଇଦେବା ପରିଷଦର ପ୍ରତ୍ୟେକ ସଦସ୍ୟାଙ୍କ ନୈତିକ ଦାୟିତ୍ୱ ଓ କର୍ତ୍ତବ୍ୟ ବୋଲି କର୍ମକର୍ତ୍ତା ମାନେ ଆବେଗପୂର୍ଣ୍ଣ ଅଭିବ୍ୟକ୍ତି ଦେଇଥିଲେ । ଜିଲ୍ଲାର ସମସ୍ତ ସଦସ୍ୟ ମାନଙ୍କୁ ମାର୍ଗଦର୍ଶନ ସହିତ ନିର୍ଦ୍ଧାରିତ ନିୟମଗୁଡିକ ର ପାଳନ ନିମନ୍ତେ ଶପଥ ପାଠ କରାଯାଇଥିଲା । ଶେଷରେ ସମସ୍ତେ ମାଆ ସାରଳାଙ୍କର ଆଶୀର୍ବାଦ ଭିକ୍ଷା କରିବାପରେ, ନିକଟସ୍ଥ ବିଭୂତିକ୍ଷେତ୍ର ରେ ବାବା ଗୋରେଖ ନାଥଙ୍କ ଦର୍ଶନ କରି ଏଠାରୁ ବିଦାୟ ନେଇଥିଲେ ।

ଅବାଧ ମଦ ବିକ୍ରୀ ବନ୍ଦ କରିବାକୁ ଥାନାର ଦ୍ୱାରସ୍ଥ ଗ୍ରାମର ମହିଳାବୃନ୍ଦ



ବଣାଇଁ, ୦୮/୦୩ (ଆ.ପ୍ର) : ବଣାଇଁ ଥାନା ଅନ୍ତର୍ଗତ ନରେନ୍ଦ୍ର ଗ୍ରାମ ପଂଚାୟତର ବିଶିପାଲି ଗ୍ରାମରେ ଅବାଧ ମଦ ବିକ୍ରୀ ବନ୍ଦ କରିବାକୁ ଅଂଟା ଛିଡ଼ିଲେ ମହିଳା । ଗ୍ରାମର କେତେକ ବ୍ୟକ୍ତି ବେଆଇନ ମଦ ବିକ୍ରୀ କରୁଥିବା ବେଳେ ମଦପିଇ ସ୍ଥାନୀୟ ଯୁବକମାନେ ମାତାଲ୍ ହୋଇ ଅନେକ ପରିବାରରେ ପ୍ରତ୍ୟେକ ଦିନ ଝଗଡ଼ା ସୃଷ୍ଟି ହେଉଛି । ତା ସହ ମଦ ଯୋଗୁଁ ଦିନକୁ ଦିନ ଅଂଚଳରେ ଅସାମାଜିକ କାର୍ଯ୍ୟକଳାପ ବୃଦ୍ଧି ପାଉଥିବା ଅଭିଯୋଗ କରିଛନ୍ତି ସ୍ଥାନୀୟ ମହିଳାମାନେ । ଗତକାଲି ସନ୍ଧ୍ୟାରେ ମଧ୍ୟ ଏହି ଗ୍ରାମର ଏକ ବସ୍ତି ଚାଳକ ମଦ୍ୟ ପାନ କରି ବସ୍ତି ନେଇ ଯାଉଥିବା ବେଳେ ଦୁର୍ଘଟଣା ଗ୍ରସ୍ତ ହୋଇ ମୃତ୍ୟୁବରଣ କରିଛନ୍ତି । ଦିନକୁ ଦିନ ଏସବୁ ଘଟଣା ବୃଦ୍ଧି ପାଇଥିବାରୁ ଗ୍ରାମରେ ଉତ୍ତେଜନା ପ୍ରକାଶ କରି ଆଜି ଅପରାହ୍ନରେ ଏକ ଗ୍ରାମସଭା ବୈଠକ କରି ମଦ ବିକ୍ରୀକୁ ସମ୍ପୂର୍ଣ୍ଣ ରୂପେ ବନ୍ଦ କରିବାକୁ ନିଷ୍ପତ୍ତି ନେବା ସହ ବଣାଇ ଅସି ମଦବିକ୍ରି ଉପରେ ତୁରନ୍ତ ପଦକ୍ଷେପ ନେବାକୁ ଥାନା ଅଧିକାରୀଙ୍କ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି ।

ଜିଲ୍ଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ଆନ୍ତର୍ଜାତୀୟ ମହିଳା ଦିବସ ପାଳନ

ନବରଙ୍ଗପୁର, ୦୮/୦୩ (ଆ.ପ୍ର) : ନବରଙ୍ଗପୁର ଜିଲ୍ଲା ଆଇନ ସେବା ପ୍ରାଧିକରଣ, ତରଫରୁ ସରକାରୀ ନର୍ସିଂ କଲେଜ, ନବରଙ୍ଗପୁରର ଛାତ୍ରୀ ଏବଂ ପାରା ଲିଗାଲ ସ୍ୱେଚ୍ଛାସେବୀ ମହିଳା ମାନଙ୍କୁ ନେଇ ଆନ୍ତର୍ଜାତୀୟ ମହିଳା ଦିବସ ୨୦୨୬ ପାଳନ ଅବସରରେ ଏକ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମ ଜିଲ୍ଲା ଆଇନ ସେବା ପ୍ରାଧିକରଣ, ନବରଙ୍ଗପୁର ଅଧକ୍ଷ ତଥା ଜିଲ୍ଲା ଦୌରାଜଜ ସଂଗ୍ରାମ ବେଶରା ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ଆୟୋଜିତ ହୋଇଥିଲା । ଏହି ଶିବିରରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ଆଇନ ସେବା ପ୍ରାଧିକରଣର ଭାରପ୍ରାପ୍ତ ସଚିବ ଶାଶ୍ୱତୀ ମିଶ୍ର ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ । ଅନ୍ୟାନ୍ୟ ଅତିଥି ଭାବେ ଡକ୍ଟର ସମ୍ବିତା । ସାହୁ, ଅଧକ୍ଷା ସରକାରୀ ନର୍ସିଂ କଲେଜ, ନବରଙ୍ଗପୁର, ରାଜ କିଶୋର ନାଗ, ଉପ ମୁଖ୍ୟ ଆଇନ ଗତ ସହାୟତା ପ୍ରତିରକ୍ଷା ପରାମର୍ଶଦାତା, ନବରଙ୍ଗପୁର ମିସ ଚିନ୍ମୟୀ ନାୟକ, ନବରଙ୍ଗପୁର ଯୋଗଦେଇ ମହିଳା ମାନଙ୍କ ପାଇଁ ଥିବା ବିଭିନ୍ନ ଆଇନ ସମ୍ପର୍କରେ ଆଲୋଚନା କରିଥିଲେ । ଏହି କାର୍ଯ୍ୟକ୍ରମ ଜିଲ୍ଲା ଆଇନ ସେବା ପ୍ରାଧିକରଣ, ନବରଙ୍ଗପୁର ଦ୍ୱାରା ପରିଚାଳନା କରାଯାଇଥିଲା ।

ତାଲୁକ ଆଇନ ସହାୟତା କମିଟି ପକ୍ଷରୁ ଅନ୍ତର୍ଜାତୀୟ ମହିଳା ଦିବସ ପାଳନ



ତାଳଚେର,୦୮/୦୩ (ଆ.ପ୍ର) : ଓଡ଼ିଶା ରାଜ୍ୟ ଆଇନସେବା ପ୍ରାଧିକରଣ, କଟକ ତଥା ଅତିରିକ୍ତ ଜିଲ୍ଲା ଓ ଦୌରା ଜଜ ତଥା ତାଲୁକ୍ ଆଇନ ସହାୟତା କମିଟି, ତାଳଚେର ଅଧକ୍ଷ ସତ୍ୟନାରାୟଣ କରଙ୍କ ନିର୍ଦ୍ଦେଶ କ୍ରମେ ତାଲୁକ୍ ଆଇନ ସହାୟତା କମିଟି, ତାଳଚେର ତରଫରୁ ସିଭିଲ କୋର୍ଟ, ତାଳଚେର ପରିସରରେ ଥିବା ଜନପଥରେନ୍ଦ୍ର ହଲରେ 'ଅନ୍ତର୍ଜାତୀୟ ମହିଳା ଦିବସ' ପାଳିତ ହୋଇଯାଇଅଛି । ଅତିରିକ୍ତ ଜିଲ୍ଲା ଓ ଦୌରା ଜଜ ସତ୍ୟନାରାୟନ କର ଯୋଗଦେଇ POCSO ଆଇନ, ଆଇନ ଅନୁଯାୟୀ ଦୋଷୀକୁ ଦଣ୍ଡ ଓ ପାଡ଼ିତାଙ୍କ ପାଇ କ୍ଷତିଶ୍ରୀ ଖ୍ୟାତି ପୂରଣ ସଂଂଶୋଷ୍ଠ ଯୋଜନା, ୨୦୧୮ ଇତ୍ୟାଦି ବିଷୟରେ ବୁଝାଇଥିଲେ ଓ ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ସମ୍ବନ୍ଧରେ କହିଥିଲେ । ବରିଷ୍ଠ ଦେବ୍ୟାନି ବିଚାରପତି ଶ୍ରୀମତୀ ସ୍ୱର୍ଣ୍ଣଲତା ନାୟକ ଓ ଅତିରିକ୍ତ ବରିଷ୍ଠ ଦେବ୍ୟାନି ବିଚାରପତି ମଧୁସୁଦ୍ରା ଜେନା ଯୋଗ ଦେଇ ମହିଳା ମାନେ କିପରି ମାଗଣାରେ ଆଇନ୍ ସେବା ପାଇବେ ଓ ଏହି ସୁବିଧା ଜାତୀୟ, ରାଜ୍ୟ, ଜିଲ୍ଲା ଓ ତାଲୁକ୍ ସ୍ତରରେ କାର୍ଯ୍ୟ କରୁଥିବା ଆଇନସେବାପ୍ରାଳରଣ ଓ କମିଟିମାନଙ୍କ ଦ୍ୱାରା କିପରି ଯୋଗାଇ ଦିଆଯାଇଥାଏ ବୁଝାଇ ଥିଲେ । ପ୍ରଥମେଣ ସ୍ଥାନୀୟ ବିଚାର ବିଭାଗୀୟ ଦଣ୍ଡାଧୀକାରି ଶ୍ରୀଯୁକ୍ତ ବୁଶାନ୍ତ କୁମାର ନାୟକ ଏବଂ ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ଦଣ୍ଡାଧିକାରି କୃଷ୍ଣା ସୁବୁଦ୍ଧି ଓ ମୋନା ପଣ୍ଡା ଯୋଗ ଦେଇ ପରିବାରରେ ମହିଳାଙ୍କ ଉପରେ ହେଉଥିବା ହିଂସା ଆଇନର କାର୍ଯ୍ୟକାରିତା, PC & PNDT Act, କର୍ମକ୍ଷେତ୍ରରେ ମହିଳା ମାନଙ୍କୁ ଯୌନ ଶୋଷଣ କିପରି ରୋକାଯାଇ ଅଧିକାରୁ ଅଧିକ ମହିଳା ସ୍ୱାଲମ୍ବୀ ହୋଇ ପାରିବେ ନିଜ ଅଧିକାରଖିରେ ପ୍ରକାଶ କରିଥିଲେ । ତାଳଚେର ଓକିଲ ସଂଘର ସଭାପତି ଶ୍ରୀଯୁକ୍ତ ସନ୍ତୋଷ ସାହୁ ଯୋଗଦେଇ ଆଇନସେବା ହିତାଧିକାରୀ ତାଙ୍କ ଆଇନଗତ ସମସ୍ୟା ବିଷୟରେ ମାଗଣାରେ ପରାମର୍ଶ କରିବା ପାଇଁ ନାଲସା ହେଲ୍ପଲାଇନ ନମ୍ବର -୧୫୫୦୦ ସହଯୋଗାଯୋଗ ଓ ମହିଳା ସଶକ୍ତି କରଣ ଉପରେ ମତ ବ୍ୟକ୍ତ କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ଏହି କାର୍ଯ୍ୟକ୍ରମରେ ଏସ ଏଚ ଜି ମହିଳା ସମାଜ ସେବୀ, ଅଙ୍ଗନୱାଡ଼ି କର୍ମୀ, ସାଧାରଣ ମହିଳା,କୋର୍ଟର କର୍ମଚାରୀମାନେ ଅଂଶଗ୍ରହଣ କରିଥିଲେ । ଏହି କାର୍ଯ୍ୟକ୍ରମକୁ ତାଳଚେର ଆଇନ ସହାୟତା କମିଟିର କର୍ମଚାରୀ ଶୁଭ୍ରାଂଶୁ ପ୍ରଧାନ ଓ ଜିତେନ ଦେବତା ସଂଯୋଜନା କରିବା ସହିତ ଧନ୍ୟବାଦ ଅର୍ପଣ କରିଥିଲେ ।

ବରିଷ୍ଠ ଶିକ୍ଷକ ଶାରଦା ପ୍ରସନ୍ନ ରାଉତଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭା



ଜଗତସିଂହପୁର, ୦୮/୦୩ (ଆ.ପ୍ର) : ଜଗତସିଂହପୁର ଜିଲ୍ଲା ରାଘୁନାଥପୁର ବ୍ଲକ ଅନ୍ତର୍ଗତ ରେଢ଼ୁପାସ୍ଥିତ ପିଏମଶ୍ରୀ ବୃନ୍ଦାବନ ସରକାରୀ ଉଚ୍ଚ ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ଶାରଦା ପ୍ରସନ୍ନ ରାଉତଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ରାଧା ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ରାଜ୍ୟ ପୁରସ୍କାର ପ୍ରାପ୍ତ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ସୁରେଶ ଚନ୍ଦ୍ର ରାଉତ, ମୁଖ୍ୟ ବକ୍ତା ଭାବେ ଗଜାଉଲୋ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଭାଗତ ଚନ୍ଦ୍ର ସାହୁ, ବିଶିଷ୍ଟ ଅତିଥି ଭାବେ ସ୍ଥାନୀୟ ସମିତି ସଭ୍ୟ ବିଶ୍ୱଜିତ ଦାଶ, ଓ ସମ୍ମାନୀୟ ଅତିଥି ଭାବେ ବିଦ୍ୟାଳୟ ଶିକ୍ଷା କମିଟିର ସଭ୍ୟ ସଭ୍ୟା, ପଂଚଶାଖା ସଂଗଠନର ସଭ୍ୟ ସଭ୍ୟା, ବରିଷ୍ଠ ଶିକ୍ଷକ ସମୀର ପ୍ରସନ୍ନ ସ୍ୱାଇଁ,ତୁଷାର କୁମାର ନାୟକ, ପ୍ରଶାନ୍ତ ବେହେରା, ଶାରଦା ସାରଙ୍କ ସହପାଠୀ ପ୍ରକାଶ କୁମାର ମହାନ୍ତି, ବିକଯା ନନ୍ଦ ସ୍ୱାଇଁ, ସୁଭାସ ଚନ୍ଦ୍ର ନାୟକ, ସୂର୍ଯ୍ୟ ନାରାୟଣ ମହାପାତ୍ର ପ୍ରମୁଖ ଯୋଗଦେଇ ବରିଷ୍ଠ ଶିକ୍ଷକ ଶାରଦା ପ୍ରସନ୍ନ ରାଉତଙ୍କୁ ପୁଷ୍ପଗୁଚ୍ଛ, ଅଙ୍ଗବସ୍ତ୍ର ଓ ମାନପତ୍ର ପ୍ରଦାନ କରି ସମ୍ବର୍ଦ୍ଧିତ କରିବା ସହ ନିଜ ନିଜର ବକ୍ତବ୍ୟ ରଖିଥିଲେ । ଶେଷରେ ଫଂଚଶାଖା ସଂଗଠନର ସହ ସମ୍ପାଦକ ବିନେକ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

ବିଳମ୍ବିତ ରାତିରେ ଘରେ ପଶିଲା ଆମ୍ବୁଲାନ୍ସ



ଦଶପଲ୍ଲା, ୦୮/୦୩ (ଆ.ପ୍ର) : ୫୭ ନମ୍ବର ଜାତୀୟ ରାଜପଥର ଡାଳରା ଫଂଚାୟତର କୁଗୁଡ଼ା ରାସ୍ତା କତରେ ଥିବା କାକୁଲା ସାଉଦତର ଘର ମଧ୍ୟରୁ ଏକ ଆମ୍ବୁଲାନ୍ସ ଗତ ବିଳମ୍ବିତ ରାତିରେ ଭାରସାମ୍ୟ ହରାଇ ପଶିଯାଇଥିଲା । ଘଟଣାରେ ବାବୁଲାଙ୍କ ପରିବାରର ଜଣେ ସାମାନ୍ୟ ଆହତ ହୋଇଥିବା ବେଳେ ଏକ କୁକୁରର ମୃତ୍ୟୁ ଘଟିଥିବା ଜଣାପଡିଛି । ଏଥିସହିତ ଦୁର୍ଘଟଣାରେ ଏକ ସାଇକେଲ ଓ କିଛି ଘରୋଇ ଉପକରଣ ଏବଂ ଆମ୍ବୁଲାନ୍ସଟି ସମ୍ପୂର୍ଣ୍ଣ ଭାବେ ନଷ୍ଟ ହୋଇଯାଇଛି । ବଡଅଘଟା ହେଲା ଆମ୍ବୁଲାନ୍ସରେ କେହି ରୋଗି ନଥିଲେ । ତେବେ ବଶପୟଲ୍ ବ୍ଲକର କୁଗୁଡ଼ାର ଜାତୀୟ ରାଜପଥଟି ସମ୍ପୂର୍ଣ୍ଣ ସିଧା ଥିବାବେଳେ ଏହି ରାସ୍ତାରେ କୌଣସି ସିଡ଼ି ବ୍ରେକର ନଥିବା ଯୋଗୁଁ ବାରମ୍ବାର ଦୁର୍ଘଟଣା ଘଟି ଧନଜୀବନ ହାନି ହେଉଛି । ତେଣୁ ଏହି ରାସ୍ତାରେ ସିଡ଼ି ବ୍ରେକର ନିର୍ମାଣ କରିବା ପାଇଁ ସର୍ବ ସାଧାରଣରେ ଦାବି ହେଉଛି ।

ସାଲେବିଡ଼ିରେ ବାଲ୍ୟ ବିବାହ ବନ୍ଦ କଲା ପ୍ରଶାସନ

ଚନ୍ଦାହାଣ୍ଡି, ୦୮/୦୩ (ଆ.ପ୍ର) : କବରଙ୍ଗପୁର ଜିଲ୍ଲା ଚନ୍ଦାହାଣ୍ଡି ବ୍ଲକ ଅଧିନସ୍ଥ ବାଟପଡା ଗାଁରେ ଆଜି ଚନ୍ଦାହାଣ୍ଡି ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ତଥା ବାଲ୍ୟ ବିବାହ ନିଷେଧ ଅଧିକାରୀଙ୍କ ନେତୃତ୍ୱରେ ଏକ ବାଲ୍ୟ ବିବାହ ବନ୍ଦ କରାଯାଇଥିବା ସୂଚନା ମିଳିଛି । ସୂଚନା ଅନୁଯାୟୀ ବାଟପଡା ଗା

ଦୈନିକ
ଆରମ୍ଭ
SEITHO ARAMBHA
ସୋମବାର, ୯ ମାର୍ଚ୍ଚ, ୨୦୨୬ : ବାଲେଶ୍ୱର : ପୃଷ୍ଠା -୬

ବିକାଶର ରୂପରେଖ ଓ ୱାର୍ଡ ଗଠନ ନେଇ ଜଗଦଳପୁର ପଂଚାୟତରେ ସହର ତଳି କ୍ରିୟାନୁଷ୍ଠାନ କମିଟିର ବୈଠକ

କୁଜୁଡ଼ାଖଣ୍ଡି, ୦୮/୦୩ (ଆ.ପ୍ର) : ମହାନଗର ପାର୍ଶ୍ୱବର୍ତ୍ତୀ ୧୪ ଟି ପଂଚାୟତ ଜୁଡ଼ୁପୁର ମହାନଗର ନିଗମରେ ସାମିଲ ହେବା ପରେ ସେ ସବୁ ଅଂଚଳର ବିକାଶ ରୂପରେଖ କ'ଣ ଏବଂ ୱାର୍ଡ ଗଠନର ମାପଦଣ୍ଡ କିଭଳି ରହିବା ଦରକାର ତାହାରି ଉପରେ ସହର ତଳି ଅଂଚଳ ମିଳିତ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଜଗଦଳପୁର ପଂଚାୟତରେ ପଂଚାୟତ ପ୍ରତିନିଧି, ବୁଦ୍ଧିଜୀବୀ ଓ ସ୍ଥାନୀୟ ଗ୍ରାମବାସୀଙ୍କ ସହ ଏକ ବିଚାର ବିମର୍ଶ ବୈଠକ ଅନୁଷ୍ଠିତ ହୋଇଯାଇଅଛି । ସ୍ଥାନୀୟ ସରପଂଚ କ୍ରାନ୍ତି ଦେବୀଙ୍କ ବାସସ୍ଥାହରେ ଅନୁଷ୍ଠିତ ବୈଠକରେ କ୍ରିୟାନୁଷ୍ଠାନ କମିଟି ସଭାପତି ସଞ୍ଜୀବ କୁମାର ପଟ୍ଟନାୟକ କହିଥିଲେ ଯେ ଦୀର୍ଘ ଦିନର ଇଚ୍ଛେ ପରେ ବର୍ତମାନ ସହର ତଳି ଅଂଚଳର ଯୋଡ଼ି ୧୪ ଟି ପଂଚାୟତ ଜୁଡ଼ୁପୁର ମହାନଗର ନିଗମରେ ମିଶ୍ରିତ ହେବାକୁ ଯାଇଛି ସେ ସବୁ ଅଂଚଳର ମୌଳିକ ଆବଶ୍ୟକତା, ସମସ୍ୟା, ଦାବୀ ଓ ଅସୁବିଧା ଜଣ ରହିଛି ବିଶେଷକରି ଭିତିଭୂମି ଠାରୁ ଆରମ୍ଭ କରି ରୋଡଗାଡ଼ ଓ ସାମାଜିକ କଲ୍ୟାଣ ଭିତିକ ବିକାଶର ରୂପରେଖ କଣ ଓ ୱାର୍ଡ ଗଠନର ଆଧାର କିଭଳି ରହିବା ଦରକାର ତାହାର ଏକ ଡିପିଆର ଓ ମାପ ପ୍ରସ୍ତୁତ କରାଯାଇଛି । ତାହାଙ୍କୁ ପୂର୍ଣ୍ଣାଙ୍ଗ ରୂପ ଦେବା ପୂର୍ବରୁ ନୂତନ ଭାବରେ ମହାନଗର ନିଗମରେ ସାମିଲ ହୋଇଥିବା ଅଂଚଳର ନିର୍ଦ୍ଦିଷ୍ଟ ପ୍ରତିନିଧି, ବୁଦ୍ଧିଜୀବୀ ଓ ସେଠାକାର ପ୍ରମୁଖ ସଚେତନ ନାଗରିକଙ୍କ ସହ ବୈଠକ କରାଯାଇ ପରାମର୍ଶ ଓ ଫିଡବ୍ୟାକ ନିଆଯିବ । ବିକାଶର ମୋଡେଲ ସମ୍ବନ୍ଧୀୟ ଯେଉଁ ମତାମତ ଓ ମୂଲ୍ୟବାନ ଫିଡବ୍ୟାକ ମିଳିବ ତାହାକୁ ଭିତ୍ତି ଡିପିଆରରେ ସ୍ଥାନିତ କରାଯାଇ ଜିଲ୍ଲା ପ୍ରଶାସନ ଓ ଗୃହ ଏବଂ ନଗର ଉନ୍ନୟନ ବିଭାଗ ନିକଟରେ ଦାଖଲ କରାଯାଇ ସେ ସବୁର କାର୍ଯ୍ୟକାରିତା ନିମନ୍ତେ ସ୍ୱତନ୍ତ୍ର ଆର୍ଥିକ ଅନୁଦାନ ପ୍ରଦାନ ନିମନ୍ତେ ଅନୁରୋଧ କରାଯିବ । ଫଳରେ ଏହି ସବୁ ନୂତନ ଅଂଚଳର ବ୍ୟବସ୍ଥିତ ବିଧିବଦ୍ଧ ବିକାଶ ଓ ଉନ୍ନୟନ ନିମନ୍ତେ ଜେଡ଼୍ ସରକାରଙ୍କ ନିକଟରୁ ଆର୍ଥିକ ସହାୟତା ମିଳି ପାରିବ । କମିଟି ଉପଦେଷ୍ଟା କାଳିନ୍ଦୀ ଚରଣ ନାୟକ ଓ ପ୍ରବୀଣ କୁମାର ପଟ୍ଟନାୟକ ବିକାଶର ରୋଲ୍ ମୋଡେଲ କିଭଳି ରହିବା ଦରକାର ବୈଠକରେ ଉପସ୍ଥାପନ କରିଥିଲେ । ଏହି ଅବସରରେ ସ୍ଥାନୀୟ ସରପଂଚ କ୍ରାନ୍ତି ଦେବୀ ଓ ସମିତି ସଭ୍ୟ ରବୀନ୍ଦ୍ର ପାତ୍ର ନିଜର ପୃଷ୍ଠିଜୋଷ ରଖିଥିଲେ । ସ୍ଥାନୀୟ ସରପଂଚ କ୍ରାନ୍ତି ଦେବୀ କମିଟି ଦ୍ୱାରା ଏଷ୍ଟାନି ଏକ ପଦେଷେପ ନିଆଯାଇଥିବା ଜାଣି ସେ ଅତ୍ୟନ୍ତ ଖୁସି ଓ ଏହାର ଆବଶ୍ୟକତା ଥିଲା ବୋଲି କହିଥିଲେ । ସେ ଖୁବ୍ ଶୀଘ୍ର ଅଳଂକାରଙ୍କ ସହ ବିଚାର ବିମର୍ଶ କରି ଆମର ସମସ୍ୟା, ଆବଶ୍ୟକତା ଓ ସମାଧାନର ପନ୍ଥା କଳିକ ଏକ ଚିଠା ପ୍ରସ୍ତୁତ କରି କମିଟିକୁ ହସ୍ତାନ୍ତର କରିବେ । ଏହି ଅବସରରେ ଜଗଦଳପୁର ପଂଚାୟତ ପ୍ରଥମ ପଂଚାୟତ ଗ୍ରୁପେ ମିଶ୍ରଣ ସପକ୍ଷରେ ରେଜୋଲ୍ୟୁସନ ପାରିତ କରି ଦେଇଥିବା ଜାଣଣସୁ ସରପଂଚ କ୍ରାନ୍ତି ଦେବୀଙ୍କୁ କମିଟି ତରଫରୁ ଉପଢୌକନ ଦେଇ ସମ୍ମାନିତ କରାଯାଇଥିଲା । ଆସନ୍ତା ପଂଚାୟତ ମିଶ୍ରଣ ପରବର୍ତ୍ତୀ ପଂଚାୟତ ସମ୍ପର୍କ ଅଭିଯାନ ଅଙ୍କୁଶପୁର ଠାରେ ଅନୁଷ୍ଠିତ ହେବ । ଆଜିର ବୈଠକରେ ସ୍ଥାନୀୟ ସରପଂଚ, ସମିତି ସଭ୍ୟ ଓ କମିଟି ସଭାପତିଙ୍କ ବ୍ୟତିତ ଏମ୍ ଲାବଣ୍ୟ ପାତ୍ର, ଦେବୀ ପ୍ରସାଦ ଦାସ, ବି ଲି ସାଗର, ଦିଗାମ୍ବର ସାମନ୍ତରାୟ, ସୁନିଲ ପାତ୍ର, ଅଜିତ୍ ପଟ୍ଟନାୟକ, ବାବୁ ଚରଣ ପତି, ସନ୍ତୋଷ ସାହୁ, ପ୍ରବୀଣ କୁମାର ପଟ୍ଟନାୟକ, କାଳିନ୍ଦୀ ଚରଣ ନାୟକ, ଜୀତେନ୍ଦ୍ର କୁମାର ପାଢ଼ୀ, ସୁରେନ୍ଦ୍ର ନାଥ ପାଣିଗ୍ରାହୀ, ପୁରୁଷୋତମ ପାତ୍ର, ଯୋଗିରର ବବି, ବାଲା ରାଜୁ, ସିମାଂଚଳ ପାତ୍ର, ପଟା ବାସୁଦେବ ଓ ହାଡ଼୍ ବେହେରା ପ୍ରମୁଖ ସାମିଲ ଥିଲେ ।

ୱାନ ଷ୍ଟପ ସେଂଟର ଓ ସୁଭଦ୍ରା ଶକ୍ତି କେନ୍ଦ୍ର ଉଦ୍‌ଘାଟିତ

ପୁରୀ, ୦୮/୦୩ (ଆ.ପ୍ର) : ରବିବାର ଅପରାହ୍ନରେ ଏସ ସି ଏସ କଲେଜ ନିକଟରେ ବ୍ଲକ ସୁଭଦ୍ରା ଶକ୍ତି କେନ୍ଦ୍ର ଓ ସଖି ୱାନ କେନ୍ଦ୍ରର ଉଦଘାଟନ ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡାଙ୍କ ଦ୍ୱାରା ଉଦଘାଟିତ ହୋଇଥିଲା । ମହିଳା ମାନଙ୍କୁ ଆତ୍ମ ନିର୍ଭର କରିବା ଲକ୍ଷ୍ୟରେ ସେମାନଙ୍କୁ ପ୍ରଶିକ୍ଷଣ ଦେବା, ପାରସ୍ପରିକ ସହଯୋଗ ବଢାଇବା, ଆଲୋଚନା ବୈଠକ କରାଇବା, ସମ୍ମାନର ସହ ନିଜ କାର୍ଯ୍ୟକୁ ପରିଚାଳନା କରିବାରେ ବ୍ଲକ ସୁଭଦ୍ରା ଶକ୍ତି କେନ୍ଦ୍ର ସହାୟକ ହେବ ବୋଲି ଉପ ମୁଖ୍ୟମନ୍ତ୍ରୀ ପରିଡା ସୂଚନା ଦେଇଥିଲେ । ସେହିପରି ଉପ ମୁଖ୍ୟମନ୍ତ୍ରୀ ସଖି ୱାନ ଷ୍ଟପ ସେଂଟରକୁ ଏସ ସି ଏସ କଲେଜ ଠାରେ ଉଦଘାଟନ କରିଥିଲେ । ଭାରତ ସରକାର ପ୍ରଣୟନ କରିଥିବା 'ସଖି' ଯାହା ୱାନ୍ ଷ୍ଟପ୍ କ୍ରାଇସିସ୍ ସେଂଟର (ଡବ୍ଲୁ ଓ ସି) ଅଟେ । ଯାହା ବ୍ୟକ୍ତିଗତ ଏବଂ ସାର୍ବଜନୀନ ସ୍ଥାନରେ, ପରିବାର, ସମ୍ପ୍ରଦାୟ ଏବଂ କର୍ମକ୍ଷେତ୍ରରେ ହିଂସା ଦ୍ୱାରା ପ୍ରଭାବିତ ମହିଳାମାନଙ୍କୁ ସମର୍ଥନ କରିବା ପାଇଁ ଉଦ୍ଦିଷ୍ଟ । ବୟସ, ବର୍ଗ, ଜାତି, ଶିକ୍ଷା ସ୍ଥିତି, ବୈବାହିକ ସ୍ଥିତି, ଜାତି ଏବଂ ସଂସ୍କୃତି ନିର୍ବିଶେଷରେ ଶାରୀରିକ, ଯୌନ, ଭାବପ୍ରବଣ, ମାନସିକ ଏବଂ ଆର୍ଥିକ ନିର୍ଯାତନାର ପୀଡ଼ିତ ମହିଳା ମାନେ ଉପକୃତ ହେବେ ବୋଲି ଶ୍ରୀମତୀ ପରିଡା କହିଥିଲେ । ଏହି କାର୍ଯ୍ୟକ୍ରମ ରେ ପିପିଲି ବିଧାୟକ ଆଶ୍ରୀତ ପଟ୍ଟନାୟକ, ପୁରୀ ବିଧାୟକ ସୁନୀଲ କୁମାର ମହାନ୍ତି, ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶରତ ଚନ୍ଦ୍ର ବେହେରା, ଅତିରିକ୍ତ ଜିଲ୍ଲାପାଳ ପ୍ରୋଟୋକଲ ନିଳମାଧବ ଲୋଇ, ଫୌଜ ନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରା, ସୂଚନା ଓ ଲୋକ ସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ ପ୍ରମୁଖ ଯୋଗ ଦେଇଥିଲେ ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ଜନୁପ୍ରିୟା ବେଉରା ସମସ୍ତଙ୍କୁ ସ୍ୱାଗତ କରି ଥିଲେ । କାର୍ଯ୍ୟକ୍ରମରେ ଉପଯୁକ୍ତ ସୂଚନା ଅଧିକାରୀ ପ୍ରଦୀପ୍ତ କୁମାର ସେନାପତି, ସିଡିପିଓ, ସୁପରଭାଇଜର, ଅଙ୍ଗନବାଡି କର୍ମୀ, ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟା ପ୍ରମୁଖ ଯୋଗ ଦେଇଥିଲେ ।

ଅନ୍ତର୍ଜାତୀୟ ମହିଳା ଦିବସ ଅବସରରେ ସଚେତନତା ପଦଯାତ୍ରା



ରାୟଗଡ଼ା, ୦୮/୦୩ (ଆ.ପ୍ର) : ଅନ୍ତର୍ଜାତୀୟ ମହିଳା ଦିବସ ପାଳନର ତୃତୀୟ ଦିନରେ ଆଜି 'ଶକ୍ତିର ଗତି, ରାଷ୍ଟ୍ରର ପ୍ରଗତି'' ଶୀର୍ଷକ ସମ୍ବଳିତ ସଚେତନତା ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି । ଏହା ପଦଯାତ୍ରା ସ୍ଥାନୀୟ ଜିଲ୍ଲାସଂସ୍କୃତି ଭବନ ଛକରୁ ବାହାରି ସହରବାସୀଙ୍କୁ ମହିଳାଙ୍କ ଆତ୍ମସୁରକ୍ଷା, ଆତ୍ମସମ୍ମାନ ଓ ଆତ୍ମସ୍ୱାଭିମାନ ସମ୍ପର୍କିତ ସଚେତନତା ବାର୍ତ୍ତା ପ୍ରଦାନ କରିଥିଲା । ଏହି ପଦଯାତ୍ରାକୁ ଅତିରିକ୍ତ ଜିଲ୍ଲାପାଳ ନବୀନ ଚନ୍ଦ୍ର ନାଏକ ଯୋଗଦେଇ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ । ଏଥିରେ ପିଏ ଆଇଟିଡ଼ିଏ ଚନ୍ଦ୍ରକାନ୍ତ ମାଝୀ, ଅବକାରୀ ଅଧିକ୍ଷକ ସନ୍ତୋଷ କୁମାର ଧଳ ସାମନ୍ତ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ବସନ୍ତ କୁମାର ପ୍ରଧାନ, ଜିଲ୍ଲା କ୍ରୀଡ଼ା ଅଧିକାରୀ ସେଖ ଅଖଲେନୁର, ସମେତ ବିଭିନ୍ନ ବିଦ୍ୟାଳୟର ଖେଳ ଶିକ୍ଷକ,ରାୟଗଡ଼ା ମହାବିଦ୍ୟାଳୟ, ମହିଳା ମହାବିଦ୍ୟାଳୟ ଓ ସରକାରୀ ବାଳିକା ଛାତ୍ର ବିଦ୍ୟାଳୟ ରାୟଗଡ଼ାର ଛାତ୍ରୀ ମାନଙ୍କ ସମେତ ବିଭିନ୍ନ ବର୍ଗର ମହିଳା, କର୍ମଚାରୀମାନେ ଯୋଗଦାନ କରିଥିଲେ । ଏହି ପଦଯାତ୍ରା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରୁ ବାହାରି, ରାୟଗଡ଼ା ବ୍ଲକ ଛକ, କପିଳାଶ ଛକବେଇ ଛଣ୍ଡେଇ ଷ୍ଟାଡିୟମରେ ପାଂଚଟିପୁଲା ।

ଛଅ ମାସ ହେଲା ମିଳୁନି ଛତୁଆର ବକେୟା ପାଉଣା

ହାଟଦିହି, ୦୮/୦୩ (ଆ.ପ୍ର) : ଏଭଳି ଏକ ଘଟଣା ଦେଖିବାକୁ ମିଳିଛି ହାଟଦିହି ମହିଳା ଓ ଶିଶୁ ବିକାଶ କେନ୍ଦ୍ର ରେ । ବ୍ଲକ ର ବିଭିନ୍ନ ଅଙ୍ଗନବାଡି ସେଂଟରରୁ ସାମଗ୍ରୀ ଯୋଗାଇ ଦେଇଥିବା ରାମେଶ୍ୱର ସ୍ୱୟଂ ସହାୟକ ଗୋଷ୍ଠୀ । ଏହି ସ୍ୱୟଂ ସହାୟକ ଗୋଷ୍ଠୀ ରେ କୋଡ଼ିଏ ଜଣ ମହିଳା କାମ କରୁଥିବା ବେଳେ ଅଗ୍ଷୋବର ମାସ ରୁ ତାଙ୍କର ବକେୟା ପାଉଣା ବ୍ଲକ ପ୍ରଶାସନ ଦେଇନଥିବାରୁ ହତାଶ ପଡିଛନ୍ତି ମହିଳା ମାନେ । ତାହା ଛଡା ସେମାନେ କାଳି ଆଣି ସାମଗ୍ରୀ ତିଆରି କରିବା ପାଇଁ ମାହାଜନ ମନା କରିବାରୁ ଏବେ ଚିନ୍ତା ବଢ଼ିଛି । ଏହି ଛତୁଆ ବିକ୍ରି କରି ସେମାନେ ଋଣ ପରିଶୋଧ କରୁଥିବାରୁ ଛଅ ମାସ ହେଲା ଋଣ ପରିଶୋଧ କରି ପାରୁ ନଥିବା ଜଣାଇଛନ୍ତି । ସଂଘର ସଭାପତି ଗଣିତା ବିଶ୍ୱାଳ ଓ ସମ୍ପାଦକ ସଂଘୁକ୍ତା ସେଠୀ । ଯଥା ଶୀଘ୍ର ପ୍ରଶାସନ ଏହାର ସମାଧାନ କରିବାକୁ ନିବେଦନ କରି ଛନ୍ତି ସମସ୍ତ ସଭ୍ୟ ମାନେ ।

ଆନ୍ତର୍ଜାତୀୟ ମହିଳା ଦିବସ ଅବସରରେ ପଥପ୍ରାନ୍ତ ନାଟକ ମାଧ୍ୟମରେ ଜନ ସଚେତନତା

ବାଲିଗୁଡ଼ା, ୦୮/୦୩ (ଆ.ପ୍ର) : ମାର୍ଚ୍ଚ ଆଠ ତାରିଖ ଆନ୍ତର୍ଜାତୀୟ ମହିଳା ଦିବସ ଅବସରରେ କନ୍ଧମାଳ ଜିଲ୍ଲା ବାଲିଗୁଡ଼ା ଉପଖଣ୍ଡ ଅନ୍ତର୍ଗତ କ. କୁଆଁଣି ବ୍ଲକର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ହାର୍ଟର ସମ୍ପାଦକ ପ୍ରମୋଦ କୁମାର ଦାସଙ୍କ ନେତୃତ୍ୱରେ ସିଡିଗୁଡ଼ା ଗ୍ରାମ ପଂଚାୟତର ବିଭିନ୍ନ ଉପକ୍ରମ ଅଂଚଳରେ ଲିଙ୍ଗ ସମାନତା, ବାଲ୍ୟ ବିବାହ, ଅନ୍ଧ ବିଶ୍ୱାସକୁ ଅଂଚାର ରୋକିବାକୁ ବାଲିଗୁଡ଼ାର କନ୍ଧମାଳ ଜନ ବିକାଶ କେନ୍ଦ୍ରର କଳାକାର ମାନଙ୍କ ଦ୍ୱାରା ପଥପ୍ରାନ୍ତ ନାଟକ ମାଧ୍ୟମରେ ଜନ ସଚେତନତା କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ଏହି କାର୍ଯ୍ୟକ୍ରମ ରେ ବହୁ ସଂଖ୍ୟକ ମହିଳା ଯୋଗ ଦେଇଥିଲେ ।

ଚାରିଛକ ଡାକ୍ତର ଖାନାକୁ ଡାକ୍ତର ନିଯୁକ୍ତିରେ ଉପେକ୍ଷା, ଜନ ଆନ୍ଦୋଳନ ହେବ

ନିମାପଡ଼ା, ୦୮/୦୩ (ଆ.ପ୍ର) : ପୁରୀ ଜିଲ୍ଲା ନିମାପଡ଼ା ବ୍ଲକର ଚାରିଛକ ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରକୁ ଡାକ୍ତର ନିଯୁକ୍ତି ରେ ଉପେକ୍ଷା କରାଯାଇଛି ବୋଲି ଅଭିଯୋଗ ହେଉଛି । ଚାରି ଛକ ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରରେ ଦୀର୍ଘ ବର୍ଷ ହେବ ଡାକ୍ତର ପଦବୀ ଖାଲି ପଡିଛି. ପ୍ରାୟ ୫ ଜଣ ଆୟୁଷ ଡାକ୍ତରଙ୍କୁ ନେଇ ଏହି ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ର ଚାଲୁଛି । ଡାକ୍ତର ନିଯୁକ୍ତି ନେଇ ବାରମ୍ବାର ଦାବୀ ହୋଇ ଆସୁଥିଲେ ମଧ୍ୟ ଦାୟିତ୍ୱରେ ଥିବା ଡାକ୍ତର ଜହକି ଚିଠି ଲେଖା ହୋଇଛି ଡାକ୍ତର ନିଯୁକ୍ତି ହେବେ । ମାତ୍ର ଚିଠି ସବୁ ଜେଉଁଠିକି ଯାଉଛି ତାହା ସାଧାରଣରେ ପ୍ରଶ୍ନ ବାଚୀ ସୃଷ୍ଟି କରିଛି । ରାଜ୍ୟ ସରକାର ଚଳିତ ମାସ ୨ ତାରିଖ ରେ ୧୯୩ ଜଣ ଡାକ୍ତରଙ୍କୁ ନିଯୁକ୍ତି ଦେଇଛନ୍ତି । ସେଥି ମଧ୍ୟରୁ ୪ ଜଣ ଡାକ୍ତର ତଥା ବିଶେଷଜ୍ଞ ଙ୍କୁ ନିମାପଡ଼ା ରେ ନିଯୁକ୍ତି ମିଳିଛି । ମାତ୍ର ଚାରିଛକ ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରକୁ ଉପେକ୍ଷା କରାଯାଇଛି । ଚାରିଛକ ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ର ପୁରୀ ଜିଲ୍ଲା ର ପ୍ରଥମ ରେଫେରାଲ ମାନ୍ୟତା ମିଳିଛି । ଏହି ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ର ଉପରେ ନିମାପଡ଼ା ଗୋପ ଜାଦପୁର ଅଞ୍ଚଳର ଲୋକ ନିଆଁ ବୁଜର ଜନସାଧାରଣ ନିର୍ଭର କରିଥାନ୍ତି । ଏଠାରେ ୭ ଜଣ ବିଶେଷଜ୍ଞ ସମେତ ୧୫ ଡାକ୍ତର ପଦବୀ ଖାଲି ପଡ଼ିଛି । ଫଳରେ ରୋଗୀ ସେବା ବାଧାପ୍ରାପ୍ତ ହେଉଛି । ପୂର୍ବରୁ ବେଶ ସୁନାମ ଅର୍ଜନ କରିଥିବା ଏହି ସ୍ୱାସ୍ଥ୍ୟ କେନ୍ଦ୍ର ଉପରୁ ଧୀରେ ଧୀରେ ଜନ ସାଧାରଣ ଆସ୍ଥା ହରାଇଛନ୍ତି. ଏହାର ସୁଯୋଗ ନେଇ ୩ ଟି ଘରୋଇ ଡାକ୍ତର ଖାନା ଖୋଲିଥିବା ବେଳେ ଆଲ କେଡେକ ଝିଅଝି ଦୋକାନୀ ଡାକ୍ତର ମାନଙ୍କୁ ଡାକି ବଗିଛି ହୋମ କଲେଣୀ । ଚାରିଛକ ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରକୁ ତୁରନ୍ତ ଡାକ୍ତର ପଦବୀ ପୂରଣ କରିବା, ଦୀର୍ଘ ଦିନ ଧରି ସିଟ ମାଟି ବସିଥିବା କର୍ମଚାରୀଙ୍କୁ ବଦଳି କରିବା ଦାବିନେଇ ଆଗାମୀ ଦିନରେ ଏକ ବଡ ଧରଣ ର ଆନ୍ଦୋଳନ ହେବ ବୋଲି ସାଧାରଣରେ ଆଲୋଚନା ହେଉଛି ।

ତିର୍ତୋଲ ତାଲୁକ ଆଇନି ସେବା କମିଟି ପକ୍ଷରୁ ଆନ୍ତର୍ଜାତୀୟ ମହିଳା ଦିବସ ପାଳିତ

ତିର୍ତୋଲ, ୦୮/୦୩ (ଆ.ପ୍ର) : ତିର୍ତୋଲ ତାଲୁକ ଆଇନି ସେବା କମିଟି ପକ୍ଷରୁ ଆଦିକବି ଶାରଳା ଦାସ କଲେଜ ପରିସରରେ ଆଜି ଆନ୍ତର୍ଜାତୀୟ ମହିଳା ଦିବସ ପାଳିତ ହୋଇଛି । ତିର୍ତୋଲ କୋର୍ଟ ବିଚାରପତି ତଥା ତାଲୁକ ଆଇନି ସେବା କମିଟି ଅଧକ୍ଷ ପାରସ ପାଢ଼ାଙ୍କ ସଭାପତିତ୍ୱ ରେ ଆୟୋଜିତ କାର୍ଯ୍ୟକ୍ରମରେ କଲେଜ ଉପାଧ୍ୟକ୍ଷ ଅରୁଣ କୁମାର ପଣ୍ଡା, ମଣିଗଙ୍ଗା ମେଡିକାଲ ଅଫିସର ସୁଭାଷ ଚନ୍ଦ୍ର ବେହେରା, ଜନକପୁର ସ୍ୱାସ୍ଥ୍ୟକେନ୍ଦ୍ରର ଆୟୁଷ ଡ଼ାକ୍ତର ସଂଗୀତା ରଥ, ତିର୍ତୋଲ ବଳିକ ସଂଘ ସମ୍ପାଦକ ସରୋଜ କୁମାର ପାଣିଗ୍ରାହୀ, ସଭାପତି ତଥା ଏପିପି ଆଲୁକ ପରିଡା, ବରିଷ୍ଠ ଆଇନିଜିବି ସୁଧୀର ଚନ୍ଦ୍ର ଖୁଂଟିଆ, ଏପିପି(ଜ୍ୟାଡଚ) ସମ୍ବିତ ନାୟକ, ତିର୍ତୋଲ ଅବକାରୀ ପୋଲିସ

ଅଫିସର ସ୍ମିତା ପଣ୍ଡା, ସିଏଏଆଇ ଆଶାଳତା କଣ୍ଡ, ପ୍ରଭୃତି ଯୋଗଦେଇ ମହିଳା ମାନଙ୍କ ପାଇଁ ଥିବା ଆଇନି ଗତ ସୁବିଧା ସୁଯୋଗ ସମ୍ପର୍କରେ ଆଲୋଚନା କରିଥିଲେ । ଶତାଧିକ ସଂଖ୍ୟାରେ ଛାତ୍ରୀ, ଜଳେଶ ଷ୍ଟାଫ, କୋର୍ଟ ଷ୍ଟାଫ ଯୋଗଦେଇଥିଲେ । ପୁଷ୍ପାଞ୍ଜଳି ସ୍ୱାଙ୍କି ନାମକ ଜଣେ ଛାତ୍ରୀ ମହିଳା ସଶକ୍ତିକରଣ ଉପରେ ସ୍ୱରଚିତ କବିତା ପାଠ କରିଥିଲେ । ତିର୍ତୋଲ ତାଲୁକ ଆଇନି ସେବା କମିଟି ଇନଚାର୍ଜ ବିରଂଚି ନାରାୟଣ ଶତପଥୀ କାର୍ଯ୍ୟକ୍ରମ ସଂଚାଳନା କରିବା ସହିତ ଧନ୍ୟବାଦ ଅର୍ପଣ କରିଥିଲେ ।

ପ୍ରକଳ୍ପ ଅଧିକାର ଦ୍ୱାରା, ଅନ୍ତର୍ଜାତୀୟ ମହିଳା ଦିବସ ପାଳିତ

ଦଶପଲ୍ଲା, ୦୮/୦୩ (ଆ.ପ୍ର) : ଦଶପଲ୍ଲା ବ୍ଲକ୍ ଅନ୍ତର୍ଗତ ଡେଣ୍ଡାବାଡ଼ି ଗ୍ରାମ ପଂଚାୟତ ଅଧୀନ ଆଦିମ ଜନଜାତି କେଲୁଗୋଛା ଗ୍ରାମରେ ସ୍ୱାର୍ଟ ମେୟର ସୁଜାତି ଯାନୀଙ୍କ ପୌରହିତ୍ୟରେ ଅନ୍ତର୍ଜାତୀୟ ମହିଳା ଦିବସ ଅବସରରେ ନାରୀ ସଶକ୍ତିକରଣ ଓ ସାଂସ୍କୃତିକ ମେଳା ଅନୁଷ୍ଠିତ ହେଇଯାଇଛି । କଳ୍ପ କୁଆପାଣି, ଗୁଣ୍ଡାପାଲୁ ଓ ମଣ୍ଡାବାଡ଼ୀ ଇତ୍ୟାଦି ଗ୍ରାମର ଶତାଧିକ ଗ୍ରାମୀଣ ଆଦିମ ମହିଳା ଏଥିରେ ଯୋଗଦାନ କରି ନାରୀ ସୁରକ୍ଷା,ନାରୀ ଅଧିକାର ଓ ସେମାନଙ୍କ ବିଭିନ୍ନ ସମସ୍ୟା ବିଷୟରେ ଆଲୋଚନା କରିଥିଲେ । ଡେଣ୍ଡାବାଡ଼ି ଗ୍ରାମ ପଂଚାୟତର ନାଏବ ସରପଂଚ ରାଜେନ୍ଦ୍ର ବାରିକ ମୁଖ୍ୟ ଅତିଥି ଭାବେ ଯୋଗଦାନ କରି ମହିଳା ମାନଙ୍କ ପାଇଁ ଥିବା ସରକାରୀ ଜନ ମଙ୍ଗଳ ଯୋଜନା ଓ ଗ୍ରାମ ପଂଚାୟତର ଭୂମିକା ବିଷୟରେ ଅବଗତ କରାଇଥିଲେ । ପ୍ରକଳ୍ପ ଅଧିକାର, ଦଶପଲ୍ଲାର ପରିଚାଳକ ପ୍ରଭାତ କୁମାର ସାହୁ ତ୍ରିସ୍ତରୀୟ ପଂଚାୟତରାଜ ବ୍ୟବସ୍ଥାରେ ପଲ୍ଲୀ ସଭା, ଗ୍ରାମ ସଭା ଓ ଗ୍ରାମ୍ୟ ସ୍ତରୀୟ ବିକାଶ କ୍ଷେତ୍ରରେ ମହିଳା ମାନଙ୍କ ସକ୍ରିୟ ସହାଭାଗିତାକୁ ସୁନିଶ୍ଚିତ କରିବାକୁ ଅନୁରୋଧ କରିବା ସହିତ ବନ ସୁରକ୍ଷା ଓ ସଂରକ୍ଷଣ ତଥା ବୃକ୍ଷ ରୋପଣ ଇତ୍ୟାଦି କ୍ଷେତ୍ରରେ ଅଗ୍ରଣୀ ଭୂମିକା ଗ୍ରହଣ କରିବା ପାଇଁ ମହିଳା ମାନଙ୍କୁ କହିବା ସହିତ ମହିଳା ମାନଙ୍କ ଶିକ୍ଷା, ସ୍ୱାସ୍ଥ୍ୟ, ଖାଦ୍ୟ,ବାସଗୃହ,ରୋଜଗାର ଓ କର୍ମ ନିଯୁକ୍ତି ଇତ୍ୟାଦି କ୍ଷେତ୍ରରେ ଗୁରୁତ୍ୱ ପୂର୍ଣ୍ଣ ଭୂମିକା ରହିଛି ବୋଲି କହିଥିଲେ । ଅଧିକାର ମିତ୍ର ପ୍ରକାଶ ମଣ୍ଡଳ ଗୀତ ମାଧ୍ୟମରେ ନାରୀ ଅଧିକାର ବିଷୟରେ ସଚେତନତା ବାର୍ତ୍ତା ପ୍ରଦାନ କରିଥିଲେ । ମନୋରମା କର୍ଣ୍ଣର ଓ ଇପାସୀ କର୍ଣ୍ଣାଲ ନେତୃତ୍ୱରେ ଗ୍ରାମ୍ୟ ନାରୀ ସଂସ୍କାର୍ତନ ମଣ୍ଡଳୀ ଗ୍ରାମ ପରିକ୍ରମା କରି ଗ୍ରାମ୍ୟ ସ୍ତରୀୟ ନାରୀ ସଂଗଠନକୁ ସଶକ୍ତ କରିବା ପାଇଁ ଆହ୍ୱାନ ଦେଇଥିଲେ । ଶେଷରେ ଅଧିକାର ମିତ୍ର ପ୍ରତିମା ପ୍ରଧାନ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

ଅନ୍ୱେଷା କଳା କେନ୍ଦ୍ର ତରଫରୁ 'ଆନ୍ତର୍ଜାତୀୟ ମହିଳା ଦିବସ ପାଳିତ

ବ୍ରହ୍ମପୁର, ୦୮/୦୩ (

ଦୈନିକ
ଆରମ୍ଭ
SEITHO ARAMBHA
ସୋମବାର, ୯ ମାର୍ଚ୍ଚ, ୨୦୨୬ : ବାଲେଶ୍ୱର : ପୃଷ୍ଠା -୭

ନବରଙ୍ଗପୁର ଠାରେ ଜିଲ୍ଲାସ୍ତରୀୟ ଅନ୍ତର୍ଜାତୀୟ ମହିଳା ଦିବସ ପାଳିତ
୩ଲକ୍ଷ୍ୟ ୨ହଜାର ୬୫ ଜଣ ସୁଭଦ୍ରା ହିତାଧିକାରୀଙ୍କୁ ୪ର୍ଥ କିସ୍ତି ଅର୍ଥ ପ୍ରଦାନ

ନବରଙ୍ଗପୁର, ୦୮/୦୩ (ଆ.ପ୍ର) : ମହିଳାମାନଙ୍କ ଶିକ୍ଷା, ସ୍ୱାସ୍ଥ୍ୟ, ଶିଳ୍ପ, କୃଷି ଆଦି କ୍ଷେତ୍ରରେ ଆର୍ଥିକ ଅଭିବୃଦ୍ଧି ଓ ସାମାଜିକ ସମ୍ମାନ ବୃଦ୍ଧି ତଥା ମହିଳା ସଶକ୍ତି କରଣ ପାଇଁ ରାଜ୍ୟ ସରକାର ନିରନ୍ତର ପ୍ରୟାସ କରୁଛନ୍ତି । ଏହି ଅବସରରେ ଆଜି ନବରଙ୍ଗପୁର ସହର ସ୍ଥିତ ସରୋଜିନୀ କଳ୍ୟାଣ ମଣ୍ଡପ ଠାରେ ସମାଜ କଲ୍ୟାଣ ବିଭାଗ ପକ୍ଷରୁ ଆୟୋଜିତ ଜିଲ୍ଲା ସ୍ତରୀୟ ଆନ୍ତର୍ଜାତୀୟ ମହିଳା ଦିବସ– ୨୦୨୬ ପାଳନ ସହ ସୁଭଦ୍ରା ଯୋଜନାର ୪ର୍ଥ କିସ୍ତି ଅର୍ଥ ବିତରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଦ୍ୱାରା ରାଜ୍ୟସ୍ତରର ସୁଭଦ୍ରା ୪ର୍ଥ କିସ୍ତି ଅର୍ଥ ପ୍ରଦାନ କାର୍ଯ୍ୟକ୍ରମରୁ ଲାଇଭ୍ ଟେଲିକାଷ୍ଟ ମାଧ୍ୟମରେ ଦେଖାଯାଇଥିଲା । ଏହି କାର୍ଯ୍ୟକ୍ରମରେ ମାନ୍ୟବର ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ । ନବରଙ୍ଗପୁର ଲୋକସଭା ସାଂସଦ ବଳଭଦ୍ର ମାଝୀ, ନବରଙ୍ଗପୁର ବିଧାୟକ ଗୌରୀଶଙ୍କର ମାଝୀ, ଜିଲ୍ଲାପାଳ ଡ଼ ମହେଶ୍ୱର ସ୍ୱାଇଁ, ବିଡିଓ ଜିଲ୍ଲା ପରିଷଦ ନବରଙ୍ଗପୁର ବିରଂଚି ନାରାୟଣ ବରଷିଣ୍ଡ, ନବରଙ୍ଗପୁର ଗୌରୟାନିକା ଅଧ୍ୟକ୍ଷ କୁନୁ ନାୟକ ବରେଣ୍ୟ ଅତିଥିଙ୍କ ସମେତ ପି ଏ, ଆଇ ଟି ଡି ଏ ରାଜ୍ୟସ୍ତରୀୟ ସାନ୍ତୁଳି ଏସ ଡ କୁ ଓ ଡ୍ର ପୌଦୀ ଜର୍ଜିଲ, ଡି ଡ଼ କୁ ଓ ରବୀନ୍ଦ୍ର ପାଲକା, ଡି ଆଇ ପି ଆଗ୍ ଓ ମନୋଜ ବେରେରା, ଡି ସି ପି ଓ ରାଜେଶ ପଟ୍ଟନାୟକ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ । ଡି ଏସ ଡ଼ କୁ ଓ ସମସ୍ତଙ୍କୁ ସ୍ୱାଗତ କରି ଦିବସ ପାଳନର ଉଦ୍ଦେଶ୍ୟ ଜଣେଇ ସମ୍ମାନ୍ୟ ସୂଚନା ଦେଇ ସୁଭଦ୍ରା ଯୋଜନାର ୪ର୍ଥ କିସ୍ତି ପାଇଁ ଜିଲ୍ଲାର ୩,୦୨,୦୬୫ ଜଣ ଲାଭାର୍ଥୀ ଯୋଗ୍ୟ ବିବେଚିତ ହୋଇଥିବା କହିଥିଲେ । ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ରାଷ୍ଟ୍ର ଓ ସମାଜର ପ୍ରଗତିରେ ନାରୀର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଜଣାଇ ସହ ଆର୍ଥିକ ନିରାପତା ଓ ଜୀବିକା ସୁଯୋଗକୁ ସୁଭଦ୍ରା ଯୋଜନା ଆହୁରି ସୁଦୃଢ କରୁଛି ବୋଲି କହିଥିଲେ । ବିଧାୟକ ଶ୍ରୀ ମାଝୀ ବହୁ ପୁରାତନ କାଳରୁ ଆମର ସମାଜ ନାରୀଙ୍କୁ ଉଚ୍ଚ ସମ୍ମାନ ଦେଇ ଆସିଛି, ମହିଳା ସଶକ୍ତିକରଣ ଓ ସମାଜ ଗଠନରେ ମହିଳାଙ୍କ ଅବଦାନକୁ ଉଲ୍ଲେଖ କରି ସୁଭଦ୍ରା ଯୋଜନା ଯୋଗୁ ବହୁ ମହିଳା ଉପକୃତ ହେଉଛନ୍ତି ବୋଲି କହିଥିଲେ । ଜିଲ୍ଲାପାଳ ନିଜ ବକ୍ତବ୍ୟରେ ସମାଜକୁ ଏପରି ଏକ ଅନୁକୂଳ ଓ ସୁବିଧା ଜନକ ପରିବେଶ ଗଢିବାକୁ ହେବ, ଯେଉଁଥିରେ ମହିଳା ମାନେ ନିଜକୁ ସୁରକ୍ଷିତ, ସମ୍ମାନୀତ ଓ ଗୌରବିତ ମନେ କରିବେ । ଏହି ଅବସରରେ ଜିଲ୍ଲାପାଳ ଜିଲ୍ଲାରେ ବାଲ୍ୟ ବିବାହକୁ ସମୂଳେ ନାଶ କରିବା, କିଶୋରୀ ମାତୃତ୍ୱକୁ ରୋକିବାକୁ ସମସ୍ତଙ୍କ ସହଯୋଗ ଲୋଡିଥିଲେ । କାର୍ଯ୍ୟକ୍ରମରେ ନବରଙ୍ଗପୁର ଜିଲ୍ଲାର "ନାରୀ ନେତୃତ୍ୱ ଏବଂ ମହିଳା ସଶକ୍ତିକରଣରେ ଉଲ୍ଲେଖନୀୟ ଭୂମିକା ନିଭାଇଥିବା ମହିଳା ଶମିଶ୍ରୀ ଦେଓ, କିଶୋରୀ ପଟ୍ଟନାୟକ, ରଞ୍ଜିତା ସାହୁ, ମନୋରମା ମାଝି, ପ୍ରଭାତୀ ବିଶୋୟୀଙ୍କୁ ସମ୍ମାନିତ କରାଯାଇଥିଲା । ସେଥିସହ ବିଭିନ୍ନ ପ୍ରବନ୍ଧ, କୁଇଜ୍, ଚିତ୍ରାଙ୍କନ ପ୍ରତିଯୋଗିତାରେ ସଫଳ ହୋଇଥିବା ଛାତ୍ରଛାତ୍ରୀ ଓ ଖେଳକୁଦ କବାଡି, ଖୋଖୋ, ରଙ୍ଗୋଳି, ସଙ୍ଗୀତ, ଦୌଡିତଣା ପ୍ରତିଯୋଗୀତାରେ ଭାଗୀଦାର ଅଙ୍ଗନବାଡ଼ି କର୍ମୀମାନଙ୍କୁ ପୁରସ୍କୃତ କରାଯାଇଥିଲା । ସେଭଳି ଶ୍ରେଷ୍ଠ ସି ଡି ପି ଓ ସଂସୁଲା ବେରେରା, ମହିନା ସୁପରଭାଇଜର କୁନମୁନ ସେନାପତି, ଚନନା ମହାଣ୍ଡା, ଆଙ୍ଗନବାଡ଼ି କର୍ମୀ ଗୌରୀ ମଣ୍ଡି ହରିଜନ, ବୃମ୍ପତି ଜିଆଲ, ମୀରା ରାଣା ମଜୁମଦାର, ଜୟନ୍ତୀ ଖୋସଲା ଓ ଆଙ୍ଗନବାଡ଼ି ସହାୟିକା ରାଜବନି ଜାନି, ବୃମ୍ପତି ଗୌଡ, ବିମଳା ଗଣ୍ଡଙ୍କୁ ସେବା ଓ କାର୍ଯ୍ୟଦକ୍ଷତା ପାଇଁ ସମ୍ମାନିତ କରାଯାଇଥିଲା । କାର୍ଯ୍ୟକ୍ରମକୁ ଚନନା ମାଝିଙ୍କ ସଂଯୋଜନା କରିଥିଲେ ଓ ସମାଜ କଲ୍ୟାଣ ବିଭାଗ ର କର୍ମଚାରୀ ସହଯୋଗ କରିଥିଲେ । ଏହି କାର୍ଯ୍ୟକ୍ରମରେ ଜିଲ୍ଲାପାଳ ଅଶୁତୋଷ କୁଲକର୍ଣ୍ଣୀ ଅଧ୍ୟକ୍ଷତା କରିଥିଲେ ଏବଂ ମୁଖ୍ୟ ଜନ୍ୟୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ ଅକ୍ଷୟ କୁମାର ଖେମୁଣ୍ଡୁ, ଅତିରିକ୍ତ ଜିଲ୍ଲାପାଳ ନିହାର ରଞ୍ଜନ କର୍ଣ୍ଣ, ଡେପୁଟି ପୋଲିସ୍ ଅଧୀକ୍ଷକ ମୁନି ଅଚାରୀ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ବସନ୍ତ କୁମାର ପ୍ରଧାନ, ସୁଗ୍ମ ନିର୍ଦ୍ଦେଶକ ଭାଷୟ ସୂଚନା ବିଜ୍ଞାନ ଜେରୁର ଏନ ଗୁଣାଶେଖର, ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ମୀନତି ଦେଓ, ଅତିରିକ୍ତ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଦେବରାଜ ଟାଣ୍ଡୀ, ସମସ୍ତ ସଂଜଙ୍କ ହବ୍ ଜର୍ମଚାରୀ, ସମସ୍ତ ଶିଶୁ ବିକାଶ ଅଧିକାରୀ, ମହିନା ସୁପରଭାଇଜର, ଶିଶୟତ୍ରୀ, ଅଙ୍ଗନବାଡି କର୍ମୀ, ସହାୟିକା, ସ୍ୱୟଂ ସହାୟକ ଗୋଷ୍ଠୀ ମହିନା, ଛାତ୍ରଛାତ୍ରୀ ଆଦି ଉପସ୍ଥିତ ଥିଲେ । ଏହି କାର୍ଯ୍ୟକ୍ରମ ରେ ମୁଖ୍ୟ ବକ୍ତା ଭାବେ ରାୟଗଡ ସ୍ୱୟଂ ଶାସିତ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ଼ ସରସ୍ୱତୀ ରାୟ ଯୋଗ ଦେଇଥିଲେ ଓ କୁଶଳୀ ମହିନା ତଥା ଦକ୍ଷ ମହିଳାର ସମାଜରେ ଭୂମିକା ବିଷୟରେ ଆଲୋଚନା କହିଥିଲେ । ନାରୀମାନଙ୍କୁ ଆତ୍ମନିର୍ଭର ହେବା, ଶିକ୍ଷାରେ ଆଗୁଆ ହେବା ଏବଂ ନିଜ ଅଧିକାର ସମ୍ପର୍କରେ ସଚେତନ ହେବାକୁ ପ୍ରେରଣା ଦେଇଥିଲେ । ସେ କହିଥିଲେ ଯେ, ଶିକ୍ଷା ଓ ସଚେତନତା ନାରୀ ସଶକ୍ତିକରଣର ଗରୁତ୍ୱପୂର୍ଣ୍ଣ ଶକ୍ତିଶାଳୀ ମାଧ୍ୟମ । ସୁଭଦ୍ରା ଯୋଜନାର ପନ୍ଦର ଜଣ ଯୋଗ୍ୟ ମହିଳାଙ୍କୁ ଧନଚେକ ପତ୍ର ପ୍ରଦାନ କରାଯାଇଥିଲା । ଆନ୍ତର୍ଜାତୀୟ ମହିଳା ଦିବସ ପାଳନ ଅବସର ରେ ହୋଇଥିବା ପ୍ରତିଯୋଗିତା ଗୁଡିକର ବିଜେତା ମାନଙ୍କୁ ପୁରସ୍କୃତ କରାଯାଇଥିଲା । ପୋଷଣ ଅଭିଯାନ ଅଧୀନରେ ସର୍ବୋଚ୍ଚ ପ୍ରଦର୍ଶନ କରିଥିବା ଶିଶୁ ବିକାଶ ଅଧିକାରୀ, ସୁପରଭାଇଜର, ଅଙ୍ଗନ୍ ବାଡ଼ି କର୍ମୀ, ସହାୟିକାଙ୍କୁ ମାନପତ୍ର, ଟ୍ରୋଫି ଉପରାନ୍ତ ଦେଇ ସମ୍ମାନିତ କରାଯାଇଥିଲା । ଏହି ଯୋଜନା ମହିଳାମାନଙ୍କୁ ଆର୍ଥିକ ସ୍ୱାଧୀନତା ପ୍ରଦାନ କରି ଗ୍ରାମ୍ୟ ଅଂଚଳରେ ଉଦ୍ୟୋଗୀତା ଓ ସ୍ୱାମ୍ପ୍ରକୁ ପ୍ରୋତ୍ସାହନ ଦେଉଛି ବୋଲି ଅକ୍ଷୟ କୁମାର ଖେମୁଣ୍ଡୁ ମତ ବ୍ୟକ୍ତ କରି ଥିଲେ । ସ୍ୱାସ୍ଥ୍ୟ, ଶିକ୍ଷା, ପ୍ରଶାସନିକ ସେବା, ସଶସ୍ତ ବାହିନୀ ସେବା କ୍ଷେତ୍ରରେ ମହିଳାଙ୍କ ଭୂମିକା ଅତ୍ୟନ୍ତକ୍ରମ ବୋଲି ଜିଲ୍ଲାପାଳ କହିଥିଲେ । ଦିବାକର ପରିଜ୍ଞା ଜିଲ୍ଲା ସଂଯୋଜକ ସଂଜଙ୍କ ତରଫ ମଂଚ ପରିଚାଳନ କରିଥିଲେ ଓ ଶେଷରେ ସମାଜ କଲ୍ୟାଣ ଅଧିକାରୀ ଧନ୍ୟବାଦ ଅର୍ପଣ କରିଥିଲେ ।

ଆନ୍ତର୍ଜାତୀୟ ମହିଳା ଦିବସରେ 'ସୁଭଦ୍ରା'ର ୪ର୍ଥ କିସ୍ତି ପ୍ରଦାନ

ରାୟଗଡ଼, ୦୮/୦୩ (ଆ.ପ୍ର) : ଆନ୍ତର୍ଜାତୀୟ ମହିଳା ଦିବସରେ 'ସୁଭଦ୍ରା ଯୋଜନା'ର ୪ର୍ଥ କିସ୍ତି ମହିଳାମାନଙ୍କ ବ୍ୟାଙ୍କ ଖାତାରେ ପଠାଂଚିତାକୁ ଯାଇଛି । ଏହାର ଫଳରେ ରାୟଗଡ଼ା ଜିଲ୍ଲାରେ ଲକ୍ଷାଧିକ ମହିଳା ହିତାଧିକାରୀଙ୍କୁ ଆର୍ଥିକ ସଶକ୍ତିକରଣ ମିଳିବା ସହ ସ୍ୱାଳମ୍ବନ ଅର୍ଥନୀତି ମଜବୁତ ହେବ । ରାୟଗଡ଼ରେ ଜିଲ୍ଲା ପ୍ରଶାସନ ଓ ମହିଳା ଓ ଶିଶୁ କଲ୍ୟାଣ ବିଭାଗ ଦ୍ୱାରା ସ୍ଥାନୀୟ ଜିଲ୍ଲାପାଳଙ୍କ ସନ୍ନିଧାନରେ ଜଳସରେ ଆନ୍ତର୍ଜାତୀୟ ମହିଳା ଦିବସ ଓ ଓଡ଼ିଶା ସରକାରଙ୍କ 'ସୁଭଦ୍ରା ଯୋଜନା'ର ୪ର୍ଥ କିସ୍ତି କାର୍ଯ୍ୟକ୍ରମ ଉତ୍ସାହର ସହ ଆୟୋଜିତ ହୋଇଛି । ଏହି କାର୍ଯ୍ୟକ୍ରମରେ ଜିଲ୍ଲାପାଳ ଅଶୁତୋଷ କୁଲକର୍ଣ୍ଣୀ ଅଧ୍ୟକ୍ଷତା କରିଥିଲେ ଏବଂ ମୁଖ୍ୟ ଜନ୍ୟୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ ଅକ୍ଷୟ କୁମାର ଖେମୁଣ୍ଡୁ, ଅତିରିକ୍ତ ଜିଲ୍ଲାପାଳ ନିହାର ରଞ୍ଜନ କର୍ଣ୍ଣ, ଡେପୁଟି ପୋଲିସ୍ ଅଧୀକ୍ଷକ ମୁନି ଅଚାରୀ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ବସନ୍ତ କୁମାର ପ୍ରଧାନ, ସୁଗ୍ମ ନିର୍ଦ୍ଦେଶକ ଭାଷୟ ସୂଚନା ବିଜ୍ଞାନ ଜେରୁର ଏନ ଗୁଣାଶେଖର, ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ମୀନତି ଦେଓ, ଅତିରିକ୍ତ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଦେବରାଜ ଟାଣ୍ଡୀ, ସମସ୍ତ ସଂଜଙ୍କ ହବ୍ ଜର୍ମଚାରୀ, ସମସ୍ତ ଶିଶୁ ବିକାଶ ଅଧିକାରୀ, ମହିନା ସୁପରଭାଇଜର, ଶିଶୟତ୍ରୀ, ଅଙ୍ଗନବାଡି କର୍ମୀ, ସହାୟିକା, ସ୍ୱୟଂ ସହାୟକ ଗୋଷ୍ଠୀ ମହିନା, ଛାତ୍ରଛାତ୍ରୀ ଆଦି ଉପସ୍ଥିତ ଥିଲେ । ଏହି କାର୍ଯ୍ୟକ୍ରମ ରେ ମୁଖ୍ୟ ବକ୍ତା ଭାବେ ରାୟଗଡ ସ୍ୱୟଂ ଶାସିତ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ଼ ସରସ୍ୱତୀ ରାୟ ଯୋଗ ଦେଇଥିଲେ ଓ କୁଶଳୀ ମହିନା ତଥା ଦକ୍ଷ ମହିଳାର ସମାଜରେ ଭୂମିକା ବିଷୟରେ ଆଲୋଚନା କହିଥିଲେ । ନାରୀମାନଙ୍କୁ ଆତ୍ମନିର୍ଭର ହେବା, ଶିକ୍ଷାରେ ଆଗୁଆ ହେବା ଏବଂ ନିଜ ଅଧିକାର ସମ୍ପର୍କରେ ସଚେତନ ହେବାକୁ ପ୍ରେରଣା ଦେଇଥିଲେ । ସେ କହିଥିଲେ ଯେ, ଶିକ୍ଷା ଓ ସଚେତନତା ନାରୀ ସଶକ୍ତିକରଣର ଗରୁତ୍ୱପୂର୍ଣ୍ଣ ଶକ୍ତିଶାଳୀ ମାଧ୍ୟମ । ସୁଭଦ୍ରା ଯୋଜନାର ପନ୍ଦର ଜଣ ଯୋଗ୍ୟ ମହିଳାଙ୍କୁ ଧନଚେକ ପତ୍ର ପ୍ରଦାନ କରାଯାଇଥିଲା । ଆନ୍ତର୍ଜାତୀୟ ମହିଳା ଦିବସ ପାଳନ ଅବସର ରେ ହୋଇଥିବା ପ୍ରତିଯୋଗିତା ଗୁଡିକର ବିଜେତା ମାନଙ୍କୁ ପୁରସ୍କୃତ କରାଯାଇଥିଲା । ପୋଷଣ ଅଭିଯାନ ଅଧୀନରେ ସର୍ବୋଚ୍ଚ ପ୍ରଦର୍ଶନ କରିଥିବା ଶିଶୁ ବିକାଶ ଅଧିକାରୀ, ସୁପରଭାଇଜର, ଅଙ୍ଗନ୍ ବାଡ଼ି କର୍ମୀ, ସହାୟିକାଙ୍କୁ ମାନପତ୍ର, ଟ୍ରୋଫି ଉପରାନ୍ତ ଦେଇ ସମ୍ମାନିତ କରାଯାଇଥିଲା । ଏହି ଯୋଜନା ମହିଳାମାନଙ୍କୁ ଆର୍ଥିକ ସ୍ୱାଧୀନତା ପ୍ରଦାନ କରି ଗ୍ରାମ୍ୟ ଅଂଚଳରେ ଉଦ୍ୟୋଗୀତା ଓ ସ୍ୱାମ୍ପ୍ରକୁ ପ୍ରୋତ୍ସାହନ ଦେଉଛି ବୋଲି ଅକ୍ଷୟ କୁମାର ଖେମୁଣ୍ଡୁ ମତ ବ୍ୟକ୍ତ କରି ଥିଲେ । ସ୍ୱାସ୍ଥ୍ୟ, ଶିକ୍ଷା, ପ୍ରଶାସନିକ ସେବା, ସଶସ୍ତ ବାହିନୀ ସେବା କ୍ଷେତ୍ରରେ ମହିଳାଙ୍କ ଭୂମିକା ଅତ୍ୟନ୍ତକ୍ରମ ବୋଲି ଜିଲ୍ଲାପାଳ କହିଥିଲେ । ଦିବାକର ପରିଜ୍ଞା ଜିଲ୍ଲା ସଂଯୋଜକ ସଂଜଙ୍କ ତରଫ ମଂଚ ପରିଚାଳନ କରିଥିଲେ ଓ ଶେଷରେ ସମାଜ କଲ୍ୟାଣ ଅଧିକାରୀ ଧନ୍ୟବାଦ ଅର୍ପଣ କରିଥିଲେ ।

ଅନ୍ତିମ ଦିନରେ ତିନି ଛାତ୍ରୀ ପରୀକ୍ଷା ଦେବାରୁ ବଂଚିତ
ବିଦ୍ୟାଳୟ ଫାଟକ ସମ୍ମୁଖରେ ଉତେଜନା

ଭୁମୁଡିବନ୍ଧୀକୋଟଗଡ, ୦୮/୦୩ (ଆ.ପ୍ର) : ଦଶମ ଶ୍ରେଣୀ ପରୀକ୍ଷାର ଅନ୍ତିମ ଦିବସ , ଅନ୍ତିମ ଦିବସ ରେ ତିନି ଜଣ OAV ଛାତ୍ରୀ ପରୀକ୍ଷା ଦେବାରୁ ବଂଚିତ ହୋଇଛନ୍ତି ଓ ବିଦ୍ୟାଳୟ ସମ୍ମୁଖ ଫାଟକରେ ପ୍ରବଳ ଉତେଜନା ଦେଖିବାକୁ ମିଳିଛି । ସୂଚନା ଅନୁଯାୟୀ ପରୀକ୍ଷା କେନ୍ଦ୍ରକୁ ଯିବା ସମୟରେ ବିଦ୍ୟାଳୟ ପରିସରରେ ତିନି ଜଣ ଛାତ୍ରୀ ଗେଟ ସମ୍ମୁଖରେ ଅଟକେ ହୋଇଥିଲେ ଓ ଗୁରୁତର ଅସୁସ୍ଥ ହେବାରୁ ତତକ୍ଷଣାତ କୋଟଗଡ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଥିଲେ । ପ୍ରାଥମିକ ଚିକିତ୍ସା ପରେ ପରୀକ୍ଷା କେନ୍ଦ୍ରକୁ ଫେରିଥିଲେ ତିନି ଅସୁସ୍ଥ ଛାତ୍ରୀ କିନ୍ତୁ ପରୀକ୍ଷା କେନ୍ଦ୍ରକୁ ଗଲେ ସତ ହେଲେ ପରୀକ୍ଷା ଦେଇ ପାରିଲେ ନାହିଁ , ପରୀକ୍ଷା କେନ୍ଦ୍ର ପରିସରରେ ତିନି ଘଂଟା ଅଯଥା ରେ ଅଟକ ରହିଲେ ତିନି ଅସୁସ୍ଥ ଛାତ୍ରୀ । ପରୀକ୍ଷା ସରିବା ପରେ ମଧ୍ୟ ଏକ ଘଂଟା ବିଳମ୍ବ ରେ ଅର୍ଥାତ୍ ୨,୩୦ ମିନିଟ୍‌ରେ କୋଟଗଡ ଥାନା ଓଖଣ ସମିତି ସ୍ୱାଳିଙ୍କ ଉପସ୍ଥିତିରେ ଛାଡ଼ିଥିଲେ କୋଟଗଡ OAVର ପ୍ରିନ୍ସିପାଲ । ଏଠି ଏକ ପ୍ରଶ୍ନ ବାଟି ସୃଷ୍ଟି ହେଉଛି ବିନା କାରଣରେ ଏତେ ସମୟ ଛାତ୍ରୀ ମାନଙ୍କୁ ଭିତରେ ରଖି ଥିଲେ କଣ ପାଇଁ? ଯଦିବି ରଖିଥିଲେ ପରୀକ୍ଷା ଦେବାରେ ବଂଚିତ କଲେ ଛାତ୍ରୀ ମାନଙ୍କୁ କଣ ପାଇଁ? ଘଟଣା ବିଷୟରେ oav ଅଧିକାରୀଙ୍କୁ ପଚାରି ବାରୁ କିଛି ସବୁସ ଜନକ ଉତର ମିଳି ନଥିଲେ ।

ଚୌଦ୍ୱାରରେ ସହକାରୀ ନିର୍ବାହୀ ଯନ୍ତ୍ରୀଙ୍କ ଘରେ ଭିଜିଲାନ୍ସ ଚଢ଼ାଉ

ଟାଙ୍ଗୀ ଚୌଦ୍ୱାର, ୦୮/୦୩ (ଆ.ପ୍ର) : ଖମ୍ପଟି ଟ୍ରକ ଅଭିଯୋଗରେ କେନ୍ଦ୍ରପଡ଼ା ଛଡା ଜଳ ସମ୍ପଦ ବିଭାଗର ସହକାରୀ ନିର୍ବାହୀ କୁବେର ଯନ୍ତ୍ରୀପ୍ରମୋଦ କୁମାର ରାୟଙ୍କ ଚୌଦ୍ୱାର ୧୦ନଂ ୱାର୍ଡ ଦ୍ୱିତୀୟ ବିହାର ସ୍ଥିତ ବାସଭବନରେ ଭିଜିଲାନ୍ସର ଏକ ୧୫ଜଣିଆ ଟିମ ଚଢ଼ାଉ କରିଥିବା ବେଳେ, ଏହି କୁବେର ଯନ୍ତ୍ରୀଙ୍କ ୭ଟି ସ୍ଥାନରେ ଏକ ସଙ୍ଗରେ ଚଢ଼ାଉ ଚାଲିଥିବା ବେଳେ କେନ୍ଦ୍ରାପଡ଼ା ସ୍ଥିତ ସରକାରୀ ବାସଭବନରୁ ନଗଦ ରୁଲା ଲକ୍ଷ ୬୦ହଜାର ଜବତ ହୋଇଥିଲା ବେଳେ ଭିଜିଲାନ୍ସ ପକ୍ଷରୁ ତଦାଘାତ ଯାଂ କରୁଥିବାର ଦେଖିବାକୁ ମିଳିଛି ।

ଆଜି 'ଖସାପଡା ଲାଗି 'ନୀତି ଅନୁଷ୍ଠିତ

ପୁରୀ, ୦୮/୦୩ (ଆ.ପ୍ର) : ୦୯ ମାର୍ଚ୍ଚରେ ସୋମବାର ଚୈତ୍ର କୃଷ୍ଣ ଷଷ୍ଠୀ ତିଥିରେ ଶ୍ରୀଜିଉମନ୍ଦିର "ଖସାପଡା ଲାଗି 'ନୀତି ଅନୁଷ୍ଠିତ ହେବ । ଶ୍ରୀମନ୍ଦିର ରେ ଦ୍ୱିତୀୟ ଭୋଗମଣ୍ଡପ ଭୋଗ ଶେଷ ହେବାପରେ ଆଯାତତଃ ସନ୍ଧ୍ୟା ଘ.୬.୦୦ ଟିକା ଠାରୁ ରାତ୍ର ଘ.୧୦.୦୦ଟିକା ପର୍ଯ୍ୟନ୍ତ ସର୍ବସାଧାରଣ ଦର୍ଶନ ବନ୍ଦ ରହିବ ବୋଲି ଶ୍ରୀମନ୍ଦିର ପ୍ରଶାସନ ତରଫରୁ ସୂଚନା ପ୍ରଦାନ କରାଯାଇଛି ।

ବିଜୁ ଜୟନ୍ତୀରେ ମା' ବିଂଶଭୂଜାଙ୍କ ମେଳଣ ପଡ଼ିଆ ସଫେଲ

ନିଶିନ୍ଦାକୋଇଲି, ୦୮/୦୩ (ଆ.ପ୍ର) : ବୋଲମେଳଣ ଅବସରରେ ବଡ଼ଶାନ୍ତ ବରାଧାରୀ ସ୍ଥିତ ମା'ବିଂଶଭୂଜାଙ୍କ ମେଳଣ ପଡ଼ିଆରେ ବୋଲମେଳଣ ଅନୁଷ୍ଠିତ ହୋଇଯାଇଛି । ମେଳଣ ଅବସରରେ ପଡ଼ିଆରେ ପଡ଼ିଥିବା ବିଭିନ୍ନ ପ୍ରକାର ବର୍ଜ୍ୟବସ୍ତୁକୁ ବିଜୁ ଜୟନ୍ତୀ ଅବସରରେ ସଫେଲ କରାଯାଇଛି । ସମାଜସେବୀ ଅମିତା ସିଂହଙ୍କ ତତ୍ତ୍ୱାବଧାନରେ ଅଞ୍ଚଳୀ ଶତପଥୀ, ଦେବକୁପା କର, ରଶ୍ମୀରେଖା ମହାପାତ୍ର, ସ୍ମୃତିରାଣୀ ମାହାନା, କେତକୀ ବେହେରା, ବିଦ୍ୟୁଲତା ସ୍ୱାଇଁ, ସବିତା ସାହୁ, ଗାୟତ୍ରୀ ଗାହଣ, ଲକ୍ଷ୍ମୀପ୍ରିୟା ବଷିଆ, ନମିତା ରାଉତ, ସୁଲୋଚନା କୁଣ୍ଡିଆ ପ୍ରମୁଖ ସଫେଲ କାର୍ଯ୍ୟ କରିଥିଲେ । ମହିଳାମାନଙ୍କ ଏଭଳି କାର୍ଯ୍ୟ ପାଇଁ ଏକ ସମ୍ବର୍ଦ୍ଧନା ସଭାର ଆୟୋଜନ କରାଯାଇଥିଲା । ସମାଜସେବୀ ପ୍ରଭାତ କୁମାର ସିଂହଙ୍କ ସଂଯୋଜନାରେ ଅନୁଷ୍ଠିତ ଉକ୍ତ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ପରିବେଶବିତ୍ ପ୍ରମୋଦ କୁମାର ବାଙ୍କଙ୍କ ସଭାପତିତ୍ୱ କରିଥିବା ବେଳେ ଅତିଥିଭାବେ ଶ୍ରୀନିବାସ ସ୍ୱାଇଁ , ସନ୍ତୋଷ କୁମାର ସ୍ୱାଇଁ,ମନୋଜ କୁମାର ସ୍ୱାଇଁ,ଶଙ୍କର୍ଷଣ ସ୍ୱାଇଁ,ବିଜୟ ନାୟକ,କୁନମଣୀ ସାହୁ,ଲାଗଭଲ ଗଣା ପ୍ରମୁଖ ଯୋଗ ଦେଇଥିଲେ ।

ଅନ୍ତର୍ଜାତୀୟ ମହିଳା ଦିବସରେ ଭଦ୍ରକରେ ସୁଭଦ୍ରା ଯୋଜନାର ଚତୁର୍ଥ କିସ୍ତି ବଂଟନ

ଭଦ୍ରକ, ୦୮/୦୩ (ଆ.ପ୍ର) : ଅନ୍ତର୍ଜାତୀୟ ମହିଳା ଦିବସ ଅବସରରେ ଆଜି ଭଦ୍ରକ ଜିଲ୍ଲାପରିଷଦ ସଭାଗୃହ କକରେ ସୁଭଦ୍ରା ଯୋଜନାର ଚତୁର୍ଥ କିସ୍ତି ବଂଟନ ସମାରୋହ ଆୟୋଜିତ ହୋଇଯାଇଛି । କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମାନ୍ୟବର ବିଧାୟକ ସୀତାଂଶୁ ଶେଖର ମହାପାତ୍ର କହିଥିଲେ ଯେ, ମହିଳାମାନଙ୍କର ସଶକ୍ତିକରଣ କାର୍ଯ୍ୟକ୍ରମକୁ ଆହୁରି କ୍ରିୟାଶୀଳ କରିବା ପାଇଁ ସମସ୍ତଙ୍କୁ ମିଳିତ ଭାବରେ ପ୍ରୟାସ କରିବା ଆବଶ୍ୟକ । ସାମାଜିକ ବୃଦ୍ଧିଇଙ୍ଗରେ ପରିବର୍ତ୍ତନ ଫଳରେ ମହିଳାମାନେ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ହାସଲ କରୁଛନ୍ତି ବୋଲି ସେ ଉଲ୍ଲେଖ କରିଥିଲେ । କାର୍ଯ୍ୟକ୍ରମରେ ଜିଲ୍ଲାପାଳ ଦିଲୀପ ରାଉତରାୟ, ଅତିରିକ୍ତ ଜିଲ୍ଲାପାଳ ଶ୍ର

ଦୈନିକ
ଆରମ୍ଭ
SEITHO ARAMBHA
ସୋମବାର, ୯ ମାର୍ଚ୍ଚ, ୨୦୨୬ : ବାଲେଶ୍ୱର : ପୃଷ୍ଠା -୮

୩ ଦିନ ତିଷ୍ଟିଲାନି ଟିମ୍ ଇଣ୍ଡିଆ, ପିଙ୍କ ବଲ ଟେଷ୍ଟରେ ୧୦ ୱିକେଟରେ ହରାଇଲା ଅଷ୍ଟ୍ରେଲିଆ

ନୂଆଦିଲ୍ଲୀ, ୮/୩(ନ୍ୟୁ.ଏ): ଭାରତ ବନାମ ନ୍ୟୁଜିଲାଣ୍ଡ ମଧ୍ୟରେ ଟି-ଟ୍ୱେଣ୍ଟି ବିଶ୍ୱକପ ଫାଇନାଲ ମ୍ୟାଚ ଖେଳାଯିବ । ଏହି ମ୍ୟାଚକୁ ନେଇ କ୍ରିକେଟ ପ୍ରେମୀଙ୍କ ମଧ୍ୟରେ ଜାସ୍ତା ଭାରି ରହିଛି । ଏହାରି ଭିତରେ ଏକ ନିରାଶ କରିବା ପରି ଖବର ଆସିଛି । ମହିଳା ଭାରତୀୟ ଦଳ ଅଷ୍ଟ୍ରେଲିଆଠୁ ପରାସ୍ତ ହୋଇଛି । ଭାରତୀୟ ମହିଳା କ୍ରିକେଟ ଟିମ୍ ଅଷ୍ଟ୍ରେଲିଆ ଗ୍ରୁପରେ ବିଦିକିଆ ପରେ ଟେଷ୍ଟ ସିରିଜରେ ପରାସ୍ତ ହୋଇଛି । ପର୍ଥର ପଶ୍ଚିମ ଅଷ୍ଟ୍ରେଲିଆ କ୍ରିକେଟ୍ ଆସୋସିଏସନ୍ ଷ୍ଟାଡିୟମ (ଡବଲଇ)ରେ ଖେଳାଯାଇଥିବା ବିବା-ରାତ୍ର ଟେଷ୍ଟ ମ୍ୟାଚକୁ ଅଷ୍ଟ୍ରେଲିଆ ମହିଳା ଦଳ ସହଜରେ ଜିତିଛି । ଭାରତୀୟ ମହିଳା ଦଳ ଏହି ମ୍ୟାଚ୍ ରେ ସମ୍ପୂର୍ଣ୍ଣ ବିଫଳ ହୋଇଥିଲା । ଯାହା ଫଳରେ ବନ୍ଧୁ-ଫର୍ମାଟ୍ ସିରିଜ୍ ହାରିଛି । ଭାରତୀୟ ମହିଳା ଦଳ ଏହି ମ୍ୟାଚ୍ ରେ ମଧ୍ୟ ବି ତିଷ୍ଟି ପାରିନଥିଲା । ଅଷ୍ଟ୍ରେଲିଆ ତୃତୀୟ ଦିନର ପ୍ରଥମ ସେସନରେ ୧୦ ୱିକେଟରେ ବାଜି ମାରି ନେଇଛି । ଭାରତୀୟ ବ୍ୟାଟିଂ ନିରାଶ କରିଛି- ଅଷ୍ଟ୍ରେଲିଆ ଟେଷ୍ଟ ଜିତି ପ୍ରଥମେ ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲା । ପ୍ରଥମ ସେସନପୁ ମ୍ୟାଚରେ ପ୍ରାଧାନ୍ୟ ବିସ୍ତାର କରିଥିଲା ଘରୋଇ ଦଳ । ଭାରତୀୟ ଦଳ ପ୍ରଥମ ଇନିଂସରେ ୬୨.୪ ଓଭରରେ ୧୯୮ ରନ୍ କରି ଅଲଆଉଟ୍ ହୋଇଥିଲା । ଜେମିମା ରଡ୍ରିଗ୍ସ ଅର୍ଦ୍ଧଶତକ ହାସଲ କରିଥିଲେ, କିନ୍ତୁ ଅନ୍ୟ ବ୍ୟାଟର ବିଫଳ ହୋଇଥିଲେ । କେହି ଅଧିକ ସମୟ ତିଷ୍ଠି ପାରିନଥିଲେ । ଅଷ୍ଟ୍ରେଲିଆ ପକ୍ଷରୁ ଆନାବେଲ ସଦରଲାଣ୍ଡ ସର୍ବାଧିକ ୪ ୱିକେଟ୍ ନେଇଥିଲେ । ଜବାବରେ, ଅଷ୍ଟ୍ରେଲିଆ ପ୍ରଥମ ଇନିଂସରେ ୩୨୩ ରନ୍ କରିଥିଲା, ଯାହା ଫଳରେ ସେମାନଙ୍କୁ ୧୨୫ ରନ୍‌ର ଦୃଢ଼ ଲିଡ୍ ମିଳିଥିଲା ।ବୋଲିଂ ପରେ ଆନାବେଲ ସଦରଲାଣ୍ଡ ମଧ୍ୟ ବ୍ୟାଟରେ ଚମତ୍କାର ପ୍ରଦର୍ଶନ କରି ଶତକ ହାସଲ କରିଥିଲେ ଏବଂ ୧୨୯ ରନ କରିଥିଲେ । ଏଲିସା ପେରି ମଧ୍ୟ ୭୬ ରନ କରି ମହିଳା ଟେଷ୍ଟରେ ଅଷ୍ଟ୍ରେଲିଆର ସର୍ବାଧିକ ରନ ସ୍କୋରର ହୋଇଛନ୍ତି । ଭାରତର ସାୟାଲି ସତଘରେ ଡେବ୍ୟୁରେ ୪ଟି ୱିକେଟ ନେଇଥିଲେ, କିନ୍ତୁ ଅଷ୍ଟ୍ରେଲିଆକୁ ଏକ ବଡ଼ ସ୍କୋର କରିବାରୁ ରୋକିପାରି ନଥିଲେ । ଦ୍ୱିତୀୟ ଇନିଂସ ମଧ୍ୟ ଖରାପ ଥିଲା- ଦ୍ୱିତୀୟ ଇନିଂସରେ ମଧ୍ୟ ଭାରତୀୟ ଦଳ ବିଫଳ ହୋଇଥିଲା । ସ୍ମୃତି ମନ୍ଧାନା ଏବଂ ଶେଫାଲି ବର୍ମା ଶୀଘ୍ର ଆଉଟ୍ ହୋଇଥିଲେ । ସଦରଲାଣ୍ଡ ଏବଂ ଜେଚୁଙ୍ଗଟ୍ ଲୁସି ସାମିଲଟନ ମିଳିତ ଭାବରେ ଟପ୍ ଅର୍ଡରକୁ ଭାଙ୍ଗି ଦେଇଥିଲେ, ଯାହା ଫଳରେ ଭାରତ ଏହି ଇନିଂସରେ ମଧ୍ୟ ୧୪୯ ରନରେ ଅଲଆଉଟ୍ ହୋଇଥିଲା । ପ୍ରତୀକା ରାୱଲଙ୍କ ଲଢୁଆ ୬୩ ରନ ଯୋଗୁଁ ଦଳ ଏହି ସ୍କୋର ହାସଲ କରିପାରିଲା, ଯାହା ଅଷ୍ଟ୍ରେଲିଆକୁ ୨୫ ରନର ଟାର୍ଗେଟ ଦେଇଥିଲା, ଯାହାକୁ ଅଷ୍ଟ୍ରେଲିଆ ୪.୩ ଓଭରରେ ୱିକେଟ ନ ହରାଇ ହାସଲ କରିଥିଲା । ଏଲିସା ହିଲିଙ୍କୁ କାହରେ ଉଠାଇଲେ ସାୟା- ଭାରତ ବିପକ୍ଷରେ ଡେ-ନାଇଟ୍ ଟେଷ୍ଟକୁ ୧୦ ୱିକେଟରେ ଜିତିଛି ଅଷ୍ଟ୍ରେଲିଆ । ଏହା ସହିତ ଅଷ୍ଟ୍ରେଲିଆ ଦଳ ଅଧିନାୟିକା ଏଲିସା ହିଲିଙ୍କ କ୍ୟାପ୍ଟେନ୍ସିର ଅନ୍ତ ଅଛି । ଏହି ସିରିଜ ପୂର୍ବରୁ ଅବସର ଘୋଷଣା କରିଥିଲେ ଏଲିସା ହିଲି । ଏହା ତାଙ୍କର ଶେଷ ମ୍ୟାଚ ହୋଇଥିବାରୁ ତାଙ୍କ ସାଥୀ ଖେଳାଳି କାହରେ ବସାଇ ପର୍ଥ ଷ୍ଟାଡିୟମ ପରିକ୍ରମା କିର ବିଦାୟ ଦେଇଛନ୍ତି । ସାଥୀ ଖେଳାଳିଙ୍କ ସହ ଏଲିସା ହିଲି ଭାବୁକ ହୋଇଥିଲା ଦେଖିବାକୁ ମିଳିଛି ।

ଇରାନର ତୈଳ ଡିପୋକୁ ଧ୍ୱଂସ କଲେ ଇସ୍ରାଏଲ-ଆମେରିକା

ନୂଆଦିଲ୍ଲୀ, ୮/୩(ନ୍ୟୁ.ଏ): ଇରାନକୁ ସବୁଠାରୁ ବଡ଼ ଝଟକା ଦେଇଛନ୍ତି ଆମେରିକା ଓ ଇସ୍ରାଏଲ । ଆଜି ଇରାନର ରାଜଧାନୀ ଓ ଏହାର ଆଖପାଖ ଅଂଚଳରେ ୫ଟି ତୈଳ ଡିପୋ ଉପରେ ଇଭାଏ ବେଶ କରିଛନ୍ତି ଏୟାର ଷ୍ଟ୍ରାଇକ । ଏଥିରେ ତୈଳ ଡିପୋ ଗୁଡ଼ିକ ଧ୍ୱଂସ ହୋଇ ଯାଇଥିବା ବେଳେ ପୂରା ଦେହରାନ ଧୂଆଁମୟ ହୋଇ ଯାଇଛି । ଡିପୋ ଗୁଡ଼ିକ କ୍ଷତିଗ୍ରସ୍ତ ହୋଇଥିବାରୁ ଯୋଗାଣ ନେଟୱର୍କ ପ୍ରଭାବିତ ହୋଇଛି । ଏଥିଯୋଗୁ ତେହରାନ ଓ ଆଖପାଖ ଅଂଚଳରେ ଆଜି ସକାଳ ପରଠାରୁ ତୈଳ ଯୋଗାଣକୁ ପ୍ରଶାସନ ପକ୍ଷରୁ ବନ୍ଦ କରି ଦିଆଯାଇଛି । ଏନେଇ ତେହରାନର ଗଭର୍ଣ୍ଣର ମହମ୍ମଦ ସାଦେଘ ମୋତାମେଦିଆନ ସୂଚନା ଦେଇଛନ୍ତି । ତାଙ୍କ କହିବା କଥା ଯେ ଏବେ ସମସ୍ୟାକୁ ଠିକ କରିବା ପାଇଁ ଚେଷ୍ଟା କରାଯାଉଛି । ଖୁବଶୀଘ୍ର ସ୍ଥିତି ସ୍ୱାଭାବିକ ହେବ । ଆମେରିକା-ଇସ୍ରାଏଲ ପକ୍ଷରୁ ୫ଟି ତୈଳ ଡିପୋ ଉପରେ ଏୟାର ଷ୍ଟ୍ରାଇକ କରାଯାଇଥିଲା । ଏଥିରେ ଜିଞ୍ଜି ଆବାସିକ ବିଲଡିଂ ମଧ୍ୟ କ୍ଷତିଗ୍ରସ୍ତ ହୋଇଛି । ଏଥିଯୋଗୁ ୪ ଜଣ ସାଧାରଣ ଲୋକ ପ୍ରାଣ ହରାଇଥିବା ବେଳେ ଅନେକ ଆହତ ହୋଇଥିବା ସେ କହିଛନ୍ତି । ଜାତୀୟ ଇରାନୀୟ ତୈଳ ଦ୍ରବ୍ୟ ବିତରଣ କମ୍ପାନୀର ସିଇଓ କହିଛନ୍ତି ଯେ "ରବିବାର ଭୋର ସମୟରେ ତେହରାନ ଓ ଆଲବୋର୍ଜରେ ଥିବା ୪ଟି ତୈଳ ଡିପୋ ଓ ଗୋଟିଏ ପେଟ୍ରୋଲିୟମ ଦ୍ରବ୍ୟ ପରିବହନ କେନ୍ଦ୍ର ଭୂପରେ ଶତ୍ରୁପକ୍ଷର ଯୁଦ୍ଧ ବିମାନ ଆକ୍ରମଣ କରିଥିଲା । ଏହି ଘଟଣାରେ ବ୍ୟାପକ କ୍ଷୟକ୍ଷତି ହୋଇଛି । ୨ ଜଣ ତୈଳ ବ୍ୟାଙ୍କର ଡ୍ରାଇଭରଙ୍କ ସହ ଆଉର ୪ ଜଣ ସଦସ୍ୟଙ୍କ ମୃତ୍ୟୁ ହୋଇଛି । କ୍ଷତି ହୋଇଥିବେ ହେଁ ନିଆଁ ଯଥା ସମ୍ଭବ ନିୟନ୍ତ୍ରଣ କରାଯାଇଥିଲା । ତଥାପି ଆଜି ସକାଳ ଯାଏ ପୁରା ଦେହରାନ ଓ ଆଖପାଖ ଅଂଚଳରେ ଧୂଆଁ ଭର୍ତ୍ତି ହୋଇ ରହିଥିଲା ।" ସ୍ଥାନୀୟ ଲୋକମାନେ କହିଛନ୍ତି ଯେ କଳାଧୂଆଁର ଆସ୍ତରଣ ଏତେ ମୋଟା ରହିଥିଲା ଯେ ସୂର୍ଯ୍ୟ ଉଦୟ ହେବା ପରେ ମଧ୍ୟ ଅନ୍ଧାର ଭିତରେ ଲୋକମାନେ ରହିଥିଲେ । ଧୂଆଁ ଯୋଗୁ ଲୋକମାନେ ଅଣନିଶ୍ୱାସ ମଧ୍ୟ ଅନୁଭବ କରିଛନ୍ତି । ବିଷାକ୍ତ ଧୂଆଁ ଚାରିଆଡ଼େ ବ୍ୟାପି ଯାଇଥିବାରୁ ଲୋକମାନଙ୍କୁ ଯଥା ସମ୍ଭବ ଘରେ ରହିବାକୁ ମଧ୍ୟ ପ୍ରଶାସନ ପକ୍ଷରୁ କୁହାଯାଇଛି ।

ଜେଡିୟୁରେ ସାମିଲ ହେଲେ ନୀତୀଶ କୁମାରଙ୍କ ପୁଅ ନିଶାନ୍ତ

ପାଟନା, ୮/୩(ନ୍ୟୁ.ଏ): ବିହାର ମୁଖ୍ୟମନ୍ତ୍ରୀ ନୀତିଶ କୁମାରଙ୍କ ପୁଅ ନିଶାନ୍ତ କୁମାର ରବିବାର ଜେଡିୟୁରେ ଯୋଗ ଦେଇଛନ୍ତି । ରାଜ୍ୟ ସଭାପତି ଉମେଶ କୁଶୱାହା, କେନ୍ଦ୍ରମନ୍ତ୍ରୀ ଲଲନ୍ଲୁ ସିଂହ, ସଞ୍ଜୟ ଝା, ବିଜେନ୍ଦ୍ର ଯାଦବ ଏବଂ ବିଜୟ ଚୌଧୁରୀଙ୍କ ସମେତ ବରିଷ୍ଠ ଦଳର ନେତାମାନେ ଏହି ଅବସରରେ ଉପସ୍ଥିତ ଥିଲେ । ସଦସ୍ୟତା ସମାରୋହରେ ନିଶାନ୍ତ କୁମାର ତାଙ୍କର କୃତଜ୍ଞତା ପ୍ରକାଶ କରିଥିଲେ । ନିଶାନ୍ତ କହିଛନ୍ତି, ଏଠାରେ ଉପସ୍ଥିତ ଆପଣ ସମସ୍ତଙ୍କୁ ଅନେକ ଅଭିନନ୍ଦନ । ମୁଁ ମୋର କୃତଜ୍ଞତା ପ୍ରକାଶ କରୁଛି । ମୁଁ ଜେଡିୟୁ କାର୍ଯ୍ୟାଳୟକୁ ଆସିଛି ଏବଂ ଜେଡିୟୁ ସଦସ୍ୟତା ଗ୍ରହଣ କରିବାକୁ ଆସିଛି । ମୁଁ ଜଣେ ସକ୍ରିୟ ସଦସ୍ୟ ଭାବରେ ଦଳର ଯତ୍ନ ନେବାକୁ ଚେଷ୍ଟା କରିବି । ମୋ ବାପା ରାଜ୍ୟସଭାକୁ ଯିବାକୁ ନିଷ୍ପତ୍ତି ନେଇଛନ୍ତି; ଏହା ତାଙ୍କର ବ୍ୟକ୍ତିଗତ ନିଷ୍ପତ୍ତି । ମୁଁ ଏଥାକୁ ଗ୍ରହଣ କରୁଛି । ମୁଁ ଏହାକୁ ସମ୍ମାନ କରୁଛି ।' ନିଶାନ୍ତ କହିଛନ୍ତି, ଦଳ ଏବଂ ଜନସାଧାରଣ ଯେଉଁ ବିଶ୍ୱାସ ମୋ ଉପରେ ରଖିଛନ୍ତି ତାହା ପୂରଣ କରିବାକୁ ମୁଁ ଚେଷ୍ଟା କରିବି । ଜଣେ ଦଳୀୟ କର୍ମୀ ଭାବରେ, ମୁଁ ଦଳୀୟ ସଂଗଠନକୁ ମଜବୁତ କରିବାକୁ ଚେଷ୍ଟା କରିବି । ମୋ ବାପା ୨୦ ବର୍ଷରେ ଯେଉଁ କାର୍ଯ୍ୟ ଦେଇଥିଲେ ତାହା ଜନସାଧାରଣଙ୍କ ନିକଟରେ ପହଂଚାଇବାକୁ ମୁଁ ଚେଷ୍ଟା କରିବି । ମୋ ବାପା ସେହି ୨୦ ବର୍ଷରେ କ'ଣ ହାସଲ କରିଥିଲେ ତାହା ସମସ୍ତେ ମନେ ରଖିବେ । ମୋ ବାପା ସେହି ୨୦ ବର୍ଷରେ ଯାହା ହାସଲ କରିଥିଲେ ତାହା ମୋ ପାଇଁ ଏବଂ ସମଗ୍ର ଦେଶ ପାଇଁ ଗର୍ବିତ ।' ଏହି ଅବସରରେ ଯଦିଓ ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ଉପସ୍ଥିତ ନଥିଲେ । ନୀତୀଶଙ୍କ ଜଣିଷ ଆରପିସି ସିଂହ ଏକରେ ପୋଷ୍ଟ କରି କହିଛନ୍ତି, 'ପ୍ରିୟ ନିଶାନ୍ତ, ଆପଣ ସକ୍ରିୟ ରାଜନୀତିରେ ପ୍ରବେଶ କରିବା ସମୟରେ ଆପଣଙ୍କୁ ଅନେକ ଶୁଭେଚ୍ଛା ଏବଂ ଆଶୀର୍ବାଦ ।' ଉଲ୍ଲେଖନୀୟ ଯେ, ଏହି ସଦସ୍ୟତା ଅଭିଯାନର ବହୁ ସଂଖ୍ୟକ ଦଳୀୟ କର୍ମୀ ଯୋଗ ଦେଇଥିଲେ । ସେମାନଙ୍କୁ 'ନିଶାନ୍ତ କୁମାର ଜିନ୍ଦାବାଦ' ଭଳି ସ୍ଲୋଗାନ ଦେଇଥିବାର ଦେଖାଯାଇଥିଲା । ନିଶାନ୍ତ କୁମାର ପୂର୍ବରୁ ଗତ ଶନିବାର ଜେଡିୟୁ କାର୍ଯ୍ୟକାରୀ ସଭାପତିଙ୍କ ବାସଭବନରେ ଦଳର ବରିଷ୍ଠ ନେତା ଏବଂ ଯୁବ ବିଧାୟକମାନଙ୍କ ସହିତ ଏକ ବୈଠକ କରିଥିଲେ । ବୈଠକରେ ଦଳର ଭବିଷ୍ୟତ ରଣନୀତି ଏବଂ ଦଳକୁ କିପରି ସର୍ବୋତ୍ତମ ଭାବରେ ଆଗକୁ ବଢ଼ାଯିବ ସେ ବିଷୟରେ ଆଲୋଚନା କରାଯାଇଥିଲା । ଯୁବଗୋଷ୍ଠୀଙ୍କୁ ଜେଡିୟୁ ପ୍ରତି ଅଧିକ ଆକର୍ଷିତ କରିବା ପାଇଁ ନିଶାନ୍ତଙ୍କୁ ଦଳରେ ସାମିଲ କରାଯାଇଥିବା ସଚ୍ଚକତ ମିଳିଛି । ନିଶାନ୍ତ ଆଜି ଦଳୀୟ ଅଫିସରେ ପାଦ ରଖିବା ଖଣ୍ଡା କର୍ମୀମାନେ ଯୁବ ଭାବନା, ମଜବୁତ ସଂଜ୍ଞର ନାରା ଦେଇଥିଲେ ।

ଭେନେଜୁଏଲା ସରକାରକୁ ସରକାରୀ ମାନ୍ୟତା ଦେଲା ଆମେରିକା

ୱାଶିଂଟନ, ୮/୩(ନ୍ୟୁ.ଏ): ଆମେରିକୀୟ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଶନିବାର କହିଛନ୍ତି ଯେ,ଆମେରିକା ଭେନେଜୁଏଲାର ବର୍ତମାନର ସରକାରକୁ ସରକାରୀ ମାନ୍ୟତା ଦେଇଛି । ଏହାକୁ ଭେନେଜୁଏଲାକୁ ନେଇ ଆମେରିକାର ନୀତିରେ ବଡ଼ ପରିବର୍ତନ ଭାବେ ଦେଖା ଯାଉଛି । ଟ୍ରମ୍ପ ଏହାର ଘୋଷଣା ସେବେବେଳେ କରିଛନ୍ତି, ଯେବେ ଜାନୁଆରୀରେ ଆମେରିକୀୟ ସେନା ଭେନେଜୁଏଲା ଉପରେ ଆକ୍ରମଣ କରି, ସେଠାର ରାଷ୍ଟ୍ରପତି ନିକୋଲସ ମାଦୁରୋଙ୍କୁ ତାଙ୍କର ପତ୍ନୀ ସିଲିଆ ଫ୍ଲୋରେସଙ୍କ ସହ ବନ୍ଧକ କରି ନେଇ ଥିଲେ । ଆମେରିକା ମାଦୁରୋଙ୍କ ଉପରେ ନାର୍କୋ ଟେରରିଜିମର ଅଭିଯୋଗ ଲଗାଇଛି ଏବଂ ସେ ନ୍ୟୁୟର୍କରେ ଟ୍ରାଏଲର ଅପେକ୍ଷା କରୁଛନ୍ତି । ଫ୍ଲୋରିଡାର ମାଲାଇଲରେ ଶିଲୁ ଅଫ୍ ଦ ଆମେରିକାନ ସମିଟ୍‌ରେ ଟ୍ରମ୍ପ କହି ଥିଲେ, ମୋତେ ଏହା କହିବାରେ ଖୁସି ଅନୁଭବ ହେଉଛି ଯେ, ବର୍ତ୍ତମାନ ସପ୍ତାହରେ , ଆମେ ଭେନେଜୁଏଲା ସରକାରକୁ ସରକାରୀ ମାନ୍ୟତା ଦେଇଛୁ । ଆମେ ବାସ୍ତବରେ ତାଙ୍କୁ ଆଇନଗତ ଭାବେ ମାନ୍ୟତା ଦେଇ ସାରିଛୁ । ମାଦୁରୋଙ୍କ ଧରାପଡ଼ିବା ପରେ , ଭେନେଜୁଏଲାର ସୁପ୍ରିମକୋର୍ଟ କିଛି ସମୟ ପାଇଁ ହେଡ୍ ଅଫ୍ ଷ୍ଟେଟ୍ ଡ୍ୟୁଟି ଉପରାଷ୍ଟ୍ରପତି ଡେଲସି ରୋଡ୍ରିଗେଜଙ୍କୁ ଟ୍ରାନ୍ସଫର କରି ଥିଲେ, ଯିଏକି ୫ ଜାନୁଆରୀରେ ସରକାରୀ ଭାବେ କାର୍ଯ୍ୟବାହକ ରାଷ୍ଟ୍ରପତି ଭାବେ ଶପଥ ନେଇଥିଲେ । ସେବେଠାରୁ ଆମେରିକା ଓ ଭେନେଜୁଏଲା ନିଜ ଭିତରେ ବାର୍ଗି ଦିନରୁ ଚାଲି ଆସିଥିବା ଭତେକନାପୂର୍ଣ୍ଣ ସଂପର୍କକୁ ସୁଧାରିବା ପାଇଁ ଅନେକ ପଦକ୍ଷେପ ଉଠାଇଛନ୍ତି । ଟ୍ରମ୍ପ କିଛି ଦିନ ପୂର୍ବେ ଭେନେଜୁଏଲାର ମଧ୍ୟବର୍ତୀକାଳୀନ ରାଷ୍ଟ୍ରପତି ଡେଲସି ରୋଡ୍ରିଗେଜଙ୍କ ବହୁତ ପ୍ରଶଂସା କରି ଥିଲେ କହିଥିଲେ ଯେ, ଡେଲସି ରୋଡ୍ରିଗେଜ ଭେନେଜୁଏଲାରେ ବହୁତ ଭଲ କାମ କରୁଛନ୍ତି । ଟ୍ରମ୍ପ ଟ୍ରୁଥ୍ ସୋସିଆଲରେ ଲେଖିଥିଲେ – ଭେନେଜୁଏଲାର ରାଷ୍ଟ୍ରପତି ଡେଲସି ରୋଡ୍ରିଗେଜ ବହୁତ ଭଲ କାମ କରୁଛନ୍ତି ଏବଂ ଆମେରିକୀୟ ପ୍ରତିନିଧିଙ୍କ ସହ ବହୁତ ଭଲ ଭାବେ ସହଯୋଗ ଦେଇଛନ୍ତି । ତେଲର ଉତ୍ପାଦନ ଆମର ହୋଇ ଯାଇଛି ଏବଂ ଭାରତ ଦେଶ ମଧ୍ୟରେ ପେଶାଦାର ନୀତି ଓ ସମର୍ପଣ ଦେଖିବା ବହୁତ ଭଲ ଲାଗୁଛି । ନିକଟରେ ଆମେରିକାର ଗୃହମନ୍ତ୍ରୀ ଡଗ୍ ବର୍ଗମ ଭେନେଜୁଏଲା ଗସ୍ତ କରିଥିଲେ । ସେ ଭେନେଜୁଏଲାରେ ତେଲ ଓ ଖନନ କାର୍ଯ୍ୟକୁ ବୃଦ୍ଧି କରାଇବା ପାଇଁ ଅନ୍ତରୀଣ ରାଷ୍ଟ୍ରପତି ଡେଲସି ରୋଡ୍ରିଗେଜଙ୍କ ସହ କଥା ହୋଇ ଥିଲେ ।

ଟ୍ରମ୍ପଙ୍କୁ ବହୁମୂଲ୍ୟ ଦେବାକୁ ପଡ଼ିବ କହିଲେ ଖାମେନେଇଙ୍କ ପରାମର୍ଶଦାତା

ତେହରାନ, ୮/୩(ନ୍ୟୁ.ଏ): ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ ଧମକ । ଏହି ଧମକ ଆଉ କିଏ ନୁହେଁ ଇରାନ ପୂର୍ବତନ ସୁପ୍ରିମ ଲିଡର ଅୟାଟୁଲ୍ଲା ଅଲୀ ଖାମେନିଙ୍କ ଘନିଷ୍ଠ ସହଯୋଗୀ ତଥା ଇରାନର ସିକ୍ୟୁରିଟି ଚିଫ୍ ଅଲି ଲାରିଜାନି ଦେଇଛନ୍ତି । ସେ ରବିବାର କହିଛନ୍ତି , ଟ୍ରମ୍ପଙ୍କୁ ଖାମେନିଙ୍କ ହତ୍ୟାର ମୂଲ୍ୟ ଦେବାକୁ ପଡ଼ିବ । ଖାମେନିଙ୍କ ସହଯୋଗୀ ଲାରିଜାନି ରବିବାର ଏକରେ ପୋଷ୍ଟ କରିଛନ୍ତି – ଆମେ ଆମର ନେତା ତଥା ଆମ ଲୋକଙ୍କ ରକ୍ତର ପ୍ରତିଶୋଧ ନେବୁ । ଟ୍ରମ୍ପଙ୍କୁ ଏହାର ମୂଲ୍ୟ ଦେବାକୁ ହେବ । ଏହା ଉପରେ ଟ୍ରମ୍ପ ଏହି ଧମକ ଗୁଡ଼ିକୁ ଖଣ୍ଡନ କରି କହିଛନ୍ତି , ସେ ଲାରିଜାନି କିଏ, ତାକୁ ସେ ଜାଣନ୍ତି ନାହିଁ । ୨୮ ଫେବୁଆରୀରେ ଆମେରିକା ଓ ଇରାନ ମଧ୍ୟରେ ଗେବେବେଳେ ଯୁଦ୍ଧର ଆରମ୍ଭ ହୋଇ ଥିଲା,ଯେବେ ଆମେରିକା ଓ ଇସ୍ରାଏଲ ମିଶି ଇରାନର ରାଜଧାନୀ ତେହରାନରେ ଅନେକ ଆକ୍ରମଣ କରି ଥିଲେ । ଏଥିରେ ଖାମେନିଙ୍କ ସମେତ ଅନେକଙ୍କ ବରିଷ୍ଠଙ୍କ ମୃତ୍ୟୁ ହୋଇଛି । ଏହାପରେ ତେହରାନ ଓଲୁ ଦେଶ ଗୁଡ଼ିକ ଉପରେ ଲଗାତାର ଆକ୍ରମଣ କରୁଛି ଏବଂ ଦୁବାଇ, ବାହାରିନ, କୁୱେତ, କତାର ସମେତ ଅନେକ ସ୍ଥାନରେ ମିସାଇଲ ଓ ଡ୍ରୋନ୍ ଦ୍ୱାରା ଆକ୍ରମଣ କରି ବଡ଼ କ୍ଷତି କରୁଛି । ଇରାନ ଆମେରିକାର ଅନେକ ବେସ୍ ଉପରେ ଆକ୍ରମଣ କରୁଛି । ଟ୍ରମ୍ପ ଟିଏଏସ୍ ନ୍ୟୁଜକୁ କହିଛନ୍ତି, ମୋତେ ଜଣାନାହିଁ ଯେ, ସେ କେଉଁ ବିଷୟରେ କଥା ହେଉଛନ୍ତି, ସେ କିଏ । ମୋତେ କିଛି ଫରକ ପଡୁ ନାହିଁ । ସେ କହିଛନ୍ତି ଯେ, ଲାରିଜାନି ପୂର୍ବରୁ ହିଁ ହାରି ସାରିଛନ୍ତି । ସେ ଏହା ମଧ୍ୟ ବୋହରାଇଛନ୍ତି ଯେ, ଇରାନ ଉପରେ ଆମେରିକୀୟ ଆକ୍ରମଣ ଜାରି ରହିବ ଏବଂ ତେହରାନକୁ ବିନା ସର୍ତରେ ସରେଣ୍ଡରର ଦାବି କରିଛନ୍ତି । ଲାରିଜାନି ଏକରେ ଏକ ଅଜଲା ପୋଷ୍ଟରେ ଇରାନର ପତୋଶାଙ୍କୁ ଏହା ମଧ୍ୟ କହି ଥିଲେ ଯେ, ତାଙ୍କୁ କିମ୍ବା ଆମେରିକାକୁ ଇରାନ ବିରୋଧରେ ନିନ୍ଦର ଅଂଚଳର ବ୍ୟବହାର କରିବାକୁ ରେଜିବା ଜରିଡ଼, କିମ୍ବା ଆମ ପାଖରେ ଏମିତି କରିବା ବ୍ୟତୀତ ଆଉ କୌଣସି ଉପାୟ ହିଁ ନାହିଁ । ଅନ୍ୟପଟ ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଇରାନର ମିନାବ ସହରରେ ଏକ ସ୍କୁଲ ଉପରେ ହୋଇଥିବା ଆକ୍ରମଣରେ ନଜର ରାଖୀ କରିନାହାନ୍ତି ।

ଭାରତ-ଚୀନ୍ ପରସ୍ପରର ପ୍ରତିଦ୍ୱନ୍ଦ୍ୱୀ ନୁହଁନ୍ତି

ନୂଆଦିଲ୍ଲୀ , ୮/୩(ନ୍ୟୁ.ଏ): ଭାରତ ଏବଂ ଚୀନ ପରସ୍ପରର ପ୍ରତିଦ୍ୱନ୍ଦ୍ୱୀ ନୁହେଁ ବରଂ ଅଂଶୀଦାର ଭାବରେ ଏବଂ ବିପଦ ନୁହେଁ ବରଂ ସୁଯୋଗ ଭାବରେ ଦେଖିବା ଉଚିତ । ରବିବାର ବେଜିଂରେ ଚୀନର ଦୈତ୍ୟବୈଜିକ ମନ୍ତ୍ରୀ ୱାଙ୍ଗ ୟି ଏହା କହିଛନ୍ତି । ଏକ ସାମ୍ବାଦିକ ସମ୍ମିଳନୀରେ ଭାଷଣ ଦେଇ ୱାଙ୍ଗ କହିଛନ୍ତି ଯେ, ବୁଲ ଦେଶ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ରାଷ୍ଟ୍ରପତି ସି ଜିନପିଙ୍ଗଙ୍କ ଦ୍ୱାରା କୌଣସି ହସ୍ତକ୍ଷେପ ବିନା ସମ୍ପର୍କକୁ ଉନ୍ନତ କରିବା ପାଇଁ ସ୍ଥିର କରାଯାଇଥିବା ମାର୍ଗ ଅନୁସରଣ କରିବା ଉଚିତ । ୱାଙ୍ଗ ଉଲ୍ଲେଖ କରିଛନ୍ତି ଯେ, ଗତ ଅଗଷ୍ଟ ମାସରେ ତିଆନଜିନରେ ମୋଦୀ ଏବଂ ଜିନପିଙ୍ଗଙ୍କ ମଧ୍ୟରେ ଏକ ସଫଳ ବୈଠକ ହୋଇଥିଲା । ସେ କହିଛନ୍ତି କି, 'ତିଆନଜିନ ଶିଖର ସମ୍ମିଳନୀ ଚୀନ-ଭାରତ ସମ୍ପର୍କରେ ଆହୁରି ଉନ୍ନତି ଆଣିଛି, ୨୦୨୪ ମସିହାରେ କଜାନରେ ସେମାନଙ୍କ ସାକ୍ଷାତ ଦ୍ୱାରା ହୋଇଥିବା ନୂତନ ଆରମ୍ଭ ଶିଖରରେ ପହଂଚିଛି । ସେ କହିଛନ୍ତି, 'ଆମେ ସମସ୍ତ ସ୍ତରରେ ନବୀକରଣ ସକ୍ରିୟ ଆଲୋଚନା, ବ୍ୟାପାରିକ ବାଣିଜ୍ୟରେ ଏକ ନୂତନ ଗେଅର୍ଡ ଏବଂ ନିକଟତର ଲୋକଙ୍କ ମଧ୍ୟରେ ଆଦାନପ୍ରଦାନ ଦେଖି ବହୁତ ଖୁସି । ଏସବୁ ଉଭୟ ଦେଶର ଲୋକଙ୍କ ପାଇଁ ପ୍ରକୃତ ଲାଭ ଆଣିଛି ।' ସେ କହିଥିଲେ,'ଉଭୟ ପକ୍ଷ ଭଲ ପଡ଼ୋଶୀ ସମ୍ପର୍କ ଏବଂ ବନ୍ଧୁତା ବଜାୟ ରଖିବା ଉଚିତ, ମିଳିତ ଭାବରେ ସୀମାନ୍ତ ଅଂଚଳରେ ଶାନ୍ତି ଏବଂ ସ୍ଥିରତା ରକ୍ଷା କରିବା ଉଚିତ ଏବଂ ବିକାଶ ଉପରେ ଧ୍ୟାନ ଦେବା ଉଚିତ ।

ରାଷ୍ଟ୍ରପତିଙ୍କ ଗସ୍ତରେ ବିଭ୍ରାଟ: ୱାଶରୁମରେ ପାଣି ନଥିଲା, ରାସ୍ତାରେ ଗଦା ହୋଇଥିଲା ଅଳିଆ

ନୂଆ